୬ ପ୍ରୀତିଶାଙ୍କୁ ମହିଳା ଆଇଏମ୍ ଟାଇଟଲ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୩ ● ସଂଖ୍ୟା–୮ ● ୪ ଫେବୃଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -33 ● Issue-8 ● 4th February 2026, Wednesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ମା' ବିରଜାଙ୍କ ଦର୍ଶନ ସହ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ରାଷ୍ଟ୍ରପତି

**ଯାଜପୁର, ୩।୨**
**ନ୍ୟୁଜ୍ ବ୍ୟୁରୋ**

୬ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗସ୍ତର ଦ୍ୱିତୀୟ ଦିନରେ ଯାଜପୁରରେ ପହଞ୍ଚି ମା' ବିରଜା ମନ୍ଦିରରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ସମଗ୍ର ଜିଲ୍ଲାବାସୀ ଉତ୍ସାହିତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏହାଥିଲା ପ୍ରଥମ ଯାଜପୁର ଗସ୍ତ । ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।



ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ୯.୩୦ ମିନିଟ ସମୟରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମବାୟ ହସ୍ତତନ୍ତ, ବୟନ ଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା.ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଓ ବିଧାୟିକା ବୃନ୍ଦ, ଜିଲ୍ଲାପରିଷଦ ଅଧ୍ୟକ୍ଷା, ଯାଜପୁର ପୌରାଧ୍ୟକ୍ଷା. ଡି.ଆଇ.ଜି ପୋଲିସ ଚରଣ ସିଂ ମୀନା, ଅତିରିକ୍ତ ମହାନିର୍ଦ୍ଦେଶକ ପୋଲିସ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ମହାମହିମ ରାଷ୍ଟ୍ରପତିଙ୍କୁ ଯାଜପୁର ମାଟିକୁ ଭବ୍ୟ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ଆୟୋଜନ କରାଯାଇଥିଲା। ହେଲିପ୍ୟାଡରୁ ରାଷ୍ଟ୍ରପତି *(ପୃଷ୍ଠା ୭ରେ)*

### ମା' ତାରାତାରିଣୀଙ୍କ ପୀଠରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ

# ୨୦୧ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ : କନ୍ୟାଦାନ କଲେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ୍ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ ଅବସରରେ କହିଛନ୍ତି।



ମଙ୍ଗଳବାର ମା' ତାରାତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ କରାଯାଇ ୨୦୧ ଜଣ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି।

ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ। ଆହୁରି ମଧ୍ୟ ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ।

ସୂଚନା ଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।

ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ୪୫ ହଜାର *(ପୃଷ୍ଠା ୭ରେ)*

## ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ

**ଇମ୍ଫାଲ, ୩।୨**

ମଣିପୁରରେ ସରକାର ଗଠନ ପ୍ରକ୍ରିୟା ଜୋରଦାର୍ ହୋଇଛି। ୟୁମନାମ ଖେମଚାନ୍ଦ ସିଂହଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ କରାଯାଇଛି। ମଙ୍ଗଳବାର ଦିନ ତାଙ୍କୁ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଯାଇଛି। ତାଙ୍କ ନେତୃତ୍ୱରେ ମଣିପୁରରେ ଖୁବ୍ ଶୀଘ୍ର ଏକ ନୂତନ ସରକାର ଗଠନ ହେବ।

ମଣିପୁରରେ ହିଂସା ପରେ ଗୋଟିଏ ବର୍ଷ ଧରି ଜାରି ହୋଇଥିବା ରାଷ୍ଟ୍ରପତି ଶାସନ ଏବେ ଶେଷ ହେବାକୁ ଯାଉଛି। ଗତ ବର୍ଷ ଫେବୃୟାରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ ହିଂସା ପ୍ରଭାବିତ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇ ଥିଲା। ଏବେ ମଣିପୁରରେ ଏକ ନୂତନ ସରକାର ଗଠନ ହେବାକୁ ଯାଉଛି। ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ମଙ୍ଗଳବାର ଦିନ ୟୁମନାମ ଖେମଚାନ୍ଦ ସିଂହ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିଲେ। ୟୁମନାମ ଖେମଚାନ୍ଦ ସିଂହ ଏନ. ବୀରେନ ସିଂହଙ୍କ ସରକାରରେ ମଧ୍ୟ ମନ୍ତ୍ରୀ ଥିଲେ। ସେ ୨୦୧୭ ଏବଂ ୨୦୨୨ ମସିହାରେ ମଣିପୁରର ସିଂଜାମେଇ ଆସନରୁ ବିଧାୟକ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ୟୁମନାମ ଖେମଚାନ୍ଦ ସିଂହ ମଣିପୁର ବିଧାନସଭାର ବାଚସ୍ପତି ମଧ୍ୟ ରହିସାରିଛନ୍ତି।

ୟୁମନାମ ଖେମଚାନ୍ଦ ସିଂହଙ୍କୁ ମଣିପୁରରେ ଜଣେ ଅଭିଜ୍ଞ ଏବଂ ଶକ୍ତିଶାଳୀ ନେତା ଭାବରେ ବିବେଚନା କରାଯାଏ। ସେ ଏନ. ବୀରେନ ସିଂହଙ୍କ ସରକାରରେ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ। ବିଧାନସଭାର ବାଚସ୍ପତି ଭାବରେ ତାଙ୍କର ନିରପେକ୍ଷ ଆଭିମୁଖ୍ୟକୁ ବହୁଳ ଭାବରେ ସ୍ୱୀକୃତି ଦିଆଯାଇଛି।

# ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ସାଂସଦ ଲୋକସଭାରୁ ନିଲମ୍ବିତ



**ନୂଆଦିଲ୍ଲୀ, ୩।୨**

ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଯୋଗୁଁ ମଙ୍ଗଳବାର ଲୋକସଭାରେ ସାଧାରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକ ବୟାନକୁ ନେଇ ପ୍ରଥମାର୍ଦ୍ଧରେ ଅଧିବେଶନରେ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଫଳସ୍ୱରୂପ, ଗୃହକୁ ତିନି ଥର ମୁଲତବୀ କରାଯାଇଥିଲା ଏବଂ ପରେ ଦିନ ପାଇଁ ମୁଲତବୀ କରାଯାଇଥିଲା।

କଂଗ୍ରେସ ଅଭିଯୋଗ କରିଥିଲା ଯେ ଶାସକ ଦଳର ସଦସ୍ୟମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାରୁ ବାଧା ଦେଉଥିଲେ। ପ୍ରତିବାଦରେ, କିଛି ସାଂସଦ କାଗଜପତ୍ର ଚିରି ବାଚସ୍ପତିଙ୍କ ପୋଡିୟମ ଆଡକୁ ଫିଙ୍ଗି ଦେଇଥିଲେ। ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଏକ ପ୍ରସ୍ତାବ ଆଗତ କରିବା ପରେ, ଅଧିବେଶନର ଅବଶିଷ୍ଟ ସମୟ ପାଇଁ ସାତ ଜଣ କଂଗ୍ରେସ ଏବଂ ଜଣେ ସିପିଆଇ(ଏମ୍) ସଦସ୍ୟଙ୍କୁ ନିଲମ୍ବିତ କରାଯାଇଥିଲା।

ନିଲମ୍ବିତ ସାଂସଦମାନେ ହେଉଛନ୍ତି ମାଣିକମ୍ ଟାଗୋର (କଂଗ୍ରେସ), ଅମରିନ୍ଦର ସିଂହ ରାଜା ୱ୍ୱାରିଂ (କଂଗ୍ରେସ), ଗୁରଜିତ ସିଂହ ଆଉଲଜା (କଂଗ୍ରେସ), ହିବି ଏଡେନ୍ (କଂଗ୍ରେସ), ଡକ୍ଟର ପ୍ରଶାନ୍ତ ଯାଦବ ରାଓ ପାଡୋଲେ *(ପୃଷ୍ଠା ୭ରେ)*

### ସଚିବ ସ୍ତରୀୟ ବୈଠକ

# ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଖାରବେଳଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯାଇ ସେସବୁର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ୍ ଅନୁମୋଦନ ଅନୁସାରେ ଗତ ୨୦୨୬ ଜାନୁଆରୀ ୩୧ ତାରିଖ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ କ୍ଷେତ୍ରୱାରୀ ଖର୍ଚ୍ଚ ସମୀକ୍ଷା କରାଯାଇଥିଲା । କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, *(ପୃଷ୍ଠା ୭ରେ)*

# ଲାଗୁ ହେଲା ନୂଆ ଖଣିଜ ନିୟମ

**ଭୁବନେଶ୍ୱର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ଲାଗୁ ହେଲା ନୂଆ ଖଣିଜ ନିୟମ। ଏଣିକି ନିଲାମ ନୁହେଁ ଇ-ଲଟେରୀରେ ମିଳିବ ବାଲି ଓ ପଥର ଖଣି ଲିଜ୍। ଏମଏସପି ଧାର୍ଯ୍ୟ କରିବେ ସରକାର। ଖଣି ମାଫିଆଙ୍କ ଉପରେ ଲାଗିଲା ଅଙ୍କୁଶ। ଏଣିକି ଲିଜ୍ ପାଇଁ ଇ-ନିଲାମ ନୁହେଁ ଇ-ଲଟେରୀ। ନୂଆ ଗାଇଡଲାଇନ୍ ଅନୁସାରେ, ଏକଚାଟିଆ କାରବାର ବା କାର୍ଟେଲାଇଜେସନ୍ ରୋକିବା ପାଇଁ ସରକାର ଇ-ଅକ୍ସନ ବା ନିଲାମ ବନ୍ଦ କରି ଇ-ଲଟେରୀ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଲଘୁ ଖଣିଜ ସମ୍ପଦର ଲିଜ୍ ପାଇଁ ନିଲାମ ଡକା ହେବ ନାହିଁ, ବରଂ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସ୍ଥିର ଅତିରିକ୍ତ ଚାର୍ଜରେ ଇ-ଲଟେରୀ ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରାଯିବ। ଆବେଦନକାରୀଙ୍କୁ ଏମଏସଟିସି ପୋର୍ଟାଲରେ 'ଫର୍ମ-ସି'ରେ ଅନଲାଇନରେ ଆବେଦନ କରିବାକୁ ପଡ଼ିବ। ୧୦ହଜାର ଟଙ୍କା ଅଣଫେରସ୍ତ ଆବେଦନ ଫି' ଜମା ସହ ୧୦% ଅମାନତ ରାଶି (ଇଏମଡି) ଜମା କରିବାକୁ ପଡ଼ିବ। ଆବେଦନ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଥିବା ଏକ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ। ପ୍ରତ୍ୟେକ ଆବେଦନର ସୂକ୍ଷ୍ମ ଯାଞ୍ଚ ପାଇଁ ଏକ ଜିଲ୍ଲାସ୍ତରୀୟ ଟେକ୍ନିକାଲ୍ ଯାଞ୍ଚ କମିଟି ଗଠନ କରାଯାଇଛି । ସଂପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଲ୍ କରାଯାଇଥିବାରୁ ଏଥିରେ କୌଣସି ହେରଫେର ମଧ୍ୟ ହୋଇପାରିବ ନାହିଁ । ଯେଉଁମାନେ ପୂର୍ବରୁ ନିଲାମ ମାଧ୍ୟମରେ ଲିଜ୍ ପାଇଛନ୍ତି, ସେମାନେ ମଧ୍ୟ ଚାହିଁଲେ ନୂଆ ନିୟମ ଅନୁଯାୟୀ ମାଇଗ୍ରେଟ୍ ବା ସାମିଲ ହୋଇପାରିବେ। ବଜାରରେ ବାଲି ଓ ପଥରର ଚଢ଼ା ଦରକୁ ରୋକିବା ପାଇଁ ସରକାର ପ୍ରଥମ କରି 'ସର୍ବାଧିକ ବିକ୍ରୟ ମୂଲ୍ୟ' (ଏମଏସପି) ଧାର୍ଯ୍ୟ କରିଛନ୍ତି। ଲିଜ୍‌ଧାରୀମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଟଙ୍କା ଗ୍ରାହକଙ୍କ ଠାରୁ ନେଇପାରିବେ ନାହିଁ। ଏହି ମୂଲ୍ୟରେ ଉତ୍ପାଦନ ଖର୍ଚ୍ଚ ଓ ଟିକସ ସହ କେବଳ ୧୫% ଲାଭ ରହିବ।

### ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହ

# ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ




**ବାଲେଶ୍ୱର, ୩।୨**
**ନ୍ୟୁଜ୍ ବ୍ୟୁରୋ**

ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଥମେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପାଞ୍ଜଳି ଦେଲା ପରେ ନବ ନିର୍ମିତ ଅଡିଟୋରିୟମର ଉଦ୍‌ଘାଟନ କରିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି *(ପୃଷ୍ଠା ୭ରେ)*

## ସେୟାର ବଜାରରେ ଝଡ଼-ବଢ଼ିଲା ଟଙ୍କାର ବଳ

**ମୁମ୍ବାଇ, ୩।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ପାଇଁ ଏକ ବଡ଼ ଶୁଳ୍କ ହ୍ରାସ ଘୋଷଣା କରିବା ପରେ ଭାରତୀୟ ଷ୍ଟକ୍ ବଜାରରେ ଏକ ଐତିହାସିକ ବୃଦ୍ଧି ଘଟିଛି। ଟ୍ରମ୍ପଙ୍କ ଶୁଳ୍କ ହ୍ରାସ ଖବର ନିବେଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଛି। ସମସ୍ତ ପ୍ରମୁଖ ବଜାର ସୂଚକାଙ୍କ ରେକର୍ଡ ସ୍ତରରେ କାରବାର କରୁଛି। ଏହି ନିଷ୍ପତ୍ତି ବଜାରରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଅନିଶ୍ଚିତତାର ବାଦଲକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଛି। ଶୁଳ୍କ ରିହାତି ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ସହିତ ଭାରତୀୟ କମ୍ପାନୀଗୁଡ଼ିକର ଲାଭରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।

## ଏକାଳ ପଖାଳ



ଏନ୍‌ଏସି ଲଢେଇ ପାଇଁ
ମନ ହୁଏ ଉଛନ୍ନ
ନେତାଙ୍କ ନୀତି ପ୍ରସ୍ତୁତ ହୁଅଇ
ଜିତିବାକୁ ନିର୍ବାଚନ
ସବୁ ଯାହା ପ୍ରହସନ
ଜନସେବା ଗଲାଚୁଲିକୁ
ସବୁରି ମୂଳରେ ଧନ।

# ଭାରତ- ଆମେରିକା ସମ୍ପର୍କକୁ ନୂଆ ଗତି




**ନୂଆଦିଲ୍ଲୀ, ୩।୨**

ଭାରତ ଓ ଆମେରିକା ମଧ୍ୟରେ ଆର୍ଥିକ ଓ କୌଶଳଗତ ସହଯୋଗକୁ ନେଇ ସକାରାତ୍ମକ ସଙ୍କେତ ମିଳିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ ହୋଇଥିବା ସାମ୍ପ୍ରତିକ ଫୋନ୍ ଆଲୋଚନାକୁ ଉପଯୋଗୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବୋଲି ବର୍ଣ୍ଣନା କରିଛନ୍ତି। ସୋସିଆଲ୍ ମିଡିଆରେ ସେୟାର କରାଯାଇଥିବା ଏକ ବାର୍ତ୍ତାରେ ସେ କହିଛନ୍ତି ଯେ ଆଲୋଚନା ସମୟରେ ଦ୍ୱିପାକ୍ଷୀୟ ବ୍ୟାପାର ଓ ବିଶ୍ୱ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଚର୍ଚ୍ଚା ହୋଇଛି।

ପ୍ରଧାନମନ୍ତ୍ରୀ ଏହା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ଯେ "ମେକ୍ ଇନ୍ ଇଣ୍ଡିଆ" ଉତ୍ପାଦନ ଉପରେ ଟାରିଫ୍ କମାଇ ୧୮% କରାଯିବାର ଘୋଷଣା ଭାରତୀୟ ରପ୍ତାନି ପାଇଁ ଲାଭଦାୟକ ହେବ। ସେ ଏହାକୁ ଦୁଇ ଦେଶ ମଧ୍ୟରେ ଆର୍ଥିକ ସାଂଘିକତାକୁ ଆହୁରି ମଜଭୁତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହି ଆମେରିକୀୟ ନେତୃତ୍ୱ ପ୍ରତି କୃତଜ୍ଞତା ଜଣାଇଛନ୍ତି।

ବାର୍ତ୍ତାରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯେତେବେଳେ ପୃଥିବୀର ଦୁଇଟି ବଡ଼ ଅର୍ଥନୀତି ଓ *(ପୃଷ୍ଠା ୭ରେ)*

# ସିନ୍ଧୁ ଜଳ ଚୁକ୍ତି: ମଧ୍ୟସ୍ଥତା କୋର୍ଟର ସମନକୁ ପ୍ରତ୍ୟାଖ୍ୟାନ କଲା ଭାରତ

**ନୂଆଦିଲ୍ଲୀ, ୩।୨**

ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମା ବିବାଦ ଉପରେ ଭାରତ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଭାରତ ନେଦରଲାଣ୍ଡର ହେଗ୍‌ରେ ଥିବା ସ୍ଥାୟୀ ମଧ୍ୟସ୍ଥତା ଅଦାଲତ (ପିସିଏ)ର ହସ୍ତକ୍ଷେପକୁ ପ୍ରତ୍ୟାଖ୍ୟାନ କରିଛି। ଶୁଣାଣି ସମୟରେ ଭାରତ କହିଛି ଯେ, ଆମେ ଟ୍ରିବ୍ୟୁନାଲକୁ ବେଆଇନ ବୋଲି ବିବେଚନା କରୁ। ଭାରତ ଟ୍ରିବ୍ୟୁନାଲର ସପ୍ଲିମେଣ୍ଟାରୀ ଆୱାର୍ଡ ଓ କାର୍ଯ୍ୟକ୍ଷମ ତଥ୍ୟ ମଗାଯାଇଥିବା ସମନ ଗ୍ରହଣ କରିବାକୁ ମନା କରିଛି।

ପାକିସ୍ତାନ ଏହି ପ୍ରସଙ୍ଗକୁ ସମଗ୍ର ଅଞ୍ଚଳ ପାଇଁ ବିପଦ ବୋଲି କହୁଛି। ଭାରତର ସଦ୍ୟତମ ନିଷ୍ପତ୍ତି ପାକିସ୍ତାନର ସଙ୍କଟକୁ ବଢ଼ାଇ ଦେଇଛି। ହେଗ୍ ସ୍ଥିତ କୋର୍ଟ ଭାରତକୁ କାଶ୍ମୀରର କିଶନଗଙ୍ଗା ଓ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପରୁ ସମ୍ବେଦନଶୀଳ କାର୍ଯ୍ୟକ୍ଷମ ରେକର୍ଡ ତଥା ତଥ୍ୟ ପ୍ରଦାନ କରିବାକୁ ସମନ ଜାରି କରିଥିଲା। ଭାରତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି ଓ ତଥ୍ୟ ପ୍ରଦାନ କରିବାକୁ ମନା କରିଛି। ଭାରତ ସରକାର ଟ୍ରିବ୍ୟୁନାଲର କ୍ଷେତ୍ରାଧିକାରକୁ ଗ୍ରହଣ କରିବାକୁ ମନା କରିଛନ୍ତି।

ବୈଦେଶିକ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ଟ୍ରିବ୍ୟୁନାଲକୁ *(ପୃଷ୍ଠା ୭ରେ)*





# ଅନୁଦାନ ୧୦ କୋଟି:ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଲାଗିପାରୁନି ଫ୍ଲଡ୍ ଲାଇଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଫ୍ଲଡ୍ ଲାଇଟ୍ ଲଗାଇବା ପାଇଁ ପ୍ରାୟ ୧୦ କୋଟି ଟଙ୍କାର ଅନୁଦାନ ଆସିଛି । କିନ୍ତୁ ଟେଣ୍ଡର ହୋଇପାରୁନାହିଁ । ବିଭାଗ ମଧ୍ୟରେ ସମନ୍ୱୟ ରହୁନାହିଁ । ଫଳରେ ଟଙ୍କା ପଡ଼ି ରହିଥିଲେ ମଧ୍ୟ ଅନ୍ଧାରରେ ରହୁଛି ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ୍ । ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଏବଂ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଅସୁବିଧା ହେଉଛି । ଆୟୋଜକମାନେ ଟୁର୍ଣ୍ଣାମେଣ୍ଟ ଚାଲିଥିବା ସମୟରେ ନିଜସ୍ୱ ଖର୍ଚ୍ଚରେ ଲାଇଟ୍ ଲଗାଉଛନ୍ତି । ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଖର୍ଚ୍ଚରୁ ଅଧିକ ହୋଇଯାଉଛି ଆଲୋକକରଣ ଖର୍ଚ୍ଚ । ଟର୍ଫ ୱିକେଟ୍‌ରେ ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ର ଉନ୍ନତିକରଣ କରାଯାଇଛି । ଖେଳାଳିଙ୍କ ସୁବିଧା ପାଇଁ ପ୍ୟାଭଲିୟନ୍ ସହିତ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ରହିଛି । ଷ୍ଟାଡ଼ିୟମ୍‌ରେ ଟର୍ଫ ୱିକେଟ୍ ତିଆରି କରାଯିବା ସହିତ ଦିବରାତ୍ର ମ୍ୟାଚ୍ ଆୟୋଜନ ନେଇ ମଧ୍ୟ ଲକ୍ଷ୍ୟ ରହିଥିଲା । ଏଣୁ ଗତ ବର୍ଷ ଜୁନ୍‌ରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତରଫରୁ ଏ ଦିଗରେ ଉଦ୍ୟମ ହୋଇଥିଲା । ଫ୍ଲଡ୍ ଲାଇଟ୍ ଲଗାଇବା ପାଇଁ ୧୦ କୋଟି ୬୬ ଲକ୍ଷ ୯୦ ହଜାର ଟଙ୍କାର ବ୍ୟୟବରାଦକୁ ଅନୁମୋଦନ ଦେଇଥିଲା ବିଭାଗ । କାର୍ଯ୍ୟନିର୍ବାହୀ ସଂସ୍ଥା ଭାବେ ଇଡ୍‌କୋକୁ ମନୋନୀତ କରାଯାଇଥିଲା । କିନ୍ତୁ ୭ ମାସ ପରେ ମଧ୍ୟ ଫ୍ଲଡ୍ ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ହୋଇପାରୁନାହିଁ । ପ୍ରକଳ୍ପକୁ ବିଭାଗ ତରଫରୁ ପ୍ରଶାସନିକ ଅନୁମତି ମଧ୍ୟ ମିଳିଯାଇଛି । ଏହି ଅନୁମୋଦନ ଫଳରେ ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍‌ର କ୍ରିକେଟ୍ ପଡ଼ିଆର ରୂପ ବଦଳିବ । ବଡ଼ ଓ ଦିବାରାତ୍ର ମ୍ୟାଚ୍ ପାଇଁ ଉପଯୋଗୀ ହେବ ବୋଲି କୁହାଯାଉଥିଲା । ବିଭିନ୍ନ ବଡ଼ ମ୍ୟାଚ୍ ଆୟୋଜନ ପାଇଁ ସୁବିଧା ହେବ । ହେଲେ ଫ୍ଲଡ୍ ଲାଇଟ୍ ନଥିବାରୁ ରାତିରେ ମ୍ୟାଚ୍ ଆୟୋଜନ ହୋଇପାରୁନାହାନ୍ତି । ଷ୍ଟାଡ଼ିୟମ୍ କ୍ରିକେଟ୍ ପଡ଼ିଆରେ ଲାଗିବାକୁ ଥିବା ହାଇମାଷ୍ଟ ଲାଇଟ୍ ସିଷ୍ଟମ୍ ନିମନ୍ତେ ଭୁବନେଶ୍ୱର ସ୍ଥିତ ଇଡ୍‌କୋ ମୁଖ୍ୟାଳୟକୁ ଦାୟିତ୍ୱ ଦିଆଯାଇଛି । ହେଲେ ଇଡ୍‌କୋ ତରଫରୁ ତତ୍ପରତା ପ୍ରକାଶ ପାଉନାହିଁ । ଏ ନେଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇଯାଇଥିବା ବେଳେ ଟେଣ୍ଡର ଆହ୍ୱାନ ହୋଇପାରୁନାହିଁ । ଯେଉଁ ସଂସ୍ଥା ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ପାଇବ, ଉକ୍ତ ସଂସ୍ଥା ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣ ଦାୟିତ୍ୱରେ ମଧ୍ୟ ରହିବ । ତେବେ ଏ ଦିଗରେ ବିଶେଷ ଅଗ୍ରଗତି ଦେଖିବାକୁ ମିଳୁନି । ତେବେ ଦୁଇ ସପ୍ତାହ ପୂର୍ବେ ଭୁବନେଶ୍ୱରରୁ ଇଡ୍‌କୋର ଏକ ଟିମ୍ ଆସି ଷ୍ଟାଡ଼ିୟମ୍ ପରିଦର୍ଶନ କରିଛନ୍ତି । ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣେ ଅଧିକାରୀ ସୂତ୍ରରୁ ସୂଚନା ମିଳିଛି । ସୂଚନାଯୋଗ୍ୟଯେ, ୩୫ କୋଟିରୁ ଅଧିକ ଟଙ୍କା ବ୍ୟୟରେ ବ୍ରହ୍ମପୁରରେ ସମନ୍ୱିତ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ପାଇଁ ନୂଆଦିଲ୍ଲୀର ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । କ୍ରିକେଟ୍ ପଡ଼ିଆର ଉନ୍ନତିକରଣ, ଭଲିବଲ୍, ବାସ୍କେଟ୍‌ବଲ୍, ଅଲିମ୍ପିକ୍ ମଡ଼େଲ୍ ସୁଇମିଂ ପୁଲ୍ ସହିତ ଅନ୍ୟାନ୍ୟ କ୍ରୀଡ଼ା ଭିତ୍ତିଭୂମି ମଧ୍ୟ ରହିଛି । ୨୦୧୭ରୁ ଷ୍ଟାଡ଼ିୟମ୍‌ର ଉନ୍ନତିକରଣ କାମ ଆରମ୍ଭ ୨୦୨୪ରେ ଶେଷ ହୋଇଥିଲା । ଏହାରି ଭିତରେ ପ୍ରସ୍ତାବିତ ଯୋଜନାରେ ଅନେକ ପରିବର୍ତ୍ତନ ମଧ୍ୟ ହୋଇଛି । ପରବର୍ତ୍ତୀ ସମୟରେ ଭଲିବଲ୍ ଖେଳକୁ ଭୁବନେଶ୍ୱରକୁ ନିଆଯାଇଛି । ଏଭଳି ସ୍ଥଳରେ ଷ୍ଟାଡ଼ିୟମ୍ ନିଜ ଗୁରୁତ୍ୱ ହରାଉଥିବା ବେଳେ ଏଠାରେ ଫ୍ଲଡ୍ ଲାଇଟ୍ ଲଗାଇ ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କ୍ରିକେଟ୍ ପ୍ରେମୀ ମତ ରଖିଛନ୍ତି ।

## ବଜେଟ୍‌ରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରାଧାନ୍ୟ

# କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଲେ ବରଗଡ଼ ସାଂସଦ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦ୍ୱାରା ସଂସଦରେ ନବମ କେନ୍ଦ୍ରୀୟ ବଜେଟ୍ ଆଗତ ହୋଇଛି । ବିଶେଷ କରି ବଜେଟ୍‌ରେ ବିକଶିତ ଭାରତକୁ ପ୍ରାଧାନ୍ୟ ଦିଆଯିବା ସହ ଓଡ଼ିଶା ପାଇଁ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି କେନ୍ଦ୍ର ସରକାର । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ସମେତ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତେବେ ଓଡ଼ିଶା କ୍ଷେତ୍ରରେ ବିଶେଷ କରି ରେୟାର ୟାର୍ଥ କରିଡର ନିର୍ମାଣ ପାଇଁ ଆବଶ୍ୟକ ମେଟାଲ୍ ଯାହାକି ପୂର୍ବରୁ ଚୀନରୁ ଆମଦାନୀ ହେଉଥିଲା ତାହା ଏବେ ଓଡ଼ିଶାରେ ଉତ୍ପାଦନ ହେବ । ଫଳରେ ଓଡ଼ିଶାରେ ନିଯୁକ୍ତିର ସମ୍ଭାବନା ବୃଦ୍ଧି ହେବ । ଦ୍ୱିତୀୟରେ ବାୟୁସେନା ବିମାନ ମାଧ୍ୟମରେ ୨୦ଟି ନୂଆ ଜାତୀୟ ଜଳପଥ ତାଳଚେର, କଳିଙ୍ଗନଗର ଓ ଅନୁଗୁଳ ଦେଇ ଯିବ ଯାହାଫଳରେ ଓଡ଼ିଶା ବହୁତ ଲାଭବାନ୍ ହେବ । ସେହିଭଳି ଇକୋ ଟୁରିଜିମ୍ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଲାଭବାନ୍ ହେବ ଓ ପର୍ଯ୍ୟଟକଙ୍କ ଆକୃଷ୍ଟକୁ ଦେଖିଲେ ଲାଗୁଛି ଆଗକୁ ଏହା ଆହୁରି ଲାଭଦାୟକ ହେବ । ବିଶେଷ କରି କେନ୍ଦୁପତ୍ର ଉପରେ ଜିଏସ୍‌ଟି ମାତ୍ର ୨% ରହିଛି । ଯାହାଫଳରେ ୧୫ ଲକ୍ଷ କେନ୍ଦୁପତ୍ର ଉତ୍ପାଦନ କରି ଲାଭବାନ୍ ହେବେ । କୃଷି କ୍ଷେତ୍ରରେ ମଧ୍ୟ ୧ ଲକ୍ଷ ୬୨ ହଜାର ୬୩୧ କୋଟି ଟଙ୍କା, ଶିକ୍ଷା କ୍ଷେତ୍ରରେ ୧ ଲକ୍ଷ ୩୯ ହଜାର ୨୮୯ କୋଟି, ଗ୍ରାମୀଣ ବିକାଶ କ୍ଷେତ୍ରରେ ୨ ଲକ୍ଷ ୭୩ ହଜାର ୧୦୮ କୋଟି ଟଙ୍କା ବଜେଟ୍‌ରେ ମଞ୍ଜୁର ହୋଇଛି । ଅନ୍ୟାନ୍ୟ କ୍ଷେତ୍ର ଯଥା ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ବିକାଶର ରେସ୍‌ରେ ଆହୁରି ଆଗକୁ ବଢ଼ିବ । ଏହି ଐତିହାସିକ ବଜେଟ୍ ପାଇଁ ଓଡ଼ିଶା ଅଧିକ ଲାଭବାନ ହେବା ସହ ନୂଆ ନିଯୁକ୍ତି ସୃଷ୍ଟିର ମଧ୍ୟ ସମ୍ଭାବନା ସୃଷ୍ଟି କରିବ । ଏହି ଭେଟି ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ସାଂସଦ ଶ୍ରୀ ପୁରୋହିତ ।

# କଟକ ସହରରେ ବ୍ୟବସାୟ କାର୍ଯ୍ୟଧାରା ସରଳୀକରଣ କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କ ସହଜରେ ବ୍ୟବସାୟ କରିବା (Ease of Doing Business) ଉଦ୍ୟମକୁ ଅଧିକ ସହଜ, ସୁଗମ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟଧାରା ସରଳୀକରଣ ବ୍ୟବସ୍ଥା ଲାଗୁ କରାଯାଇଛି । ଏହି ନୂତନ ବ୍ୟବସ୍ଥା ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଏହା ସଂଲଗ୍ନ କାର୍ଯ୍ୟାଳୟଗୁଡିକ ମଧ୍ୟରେ ଫାଇଲ୍ ଆଦାନ ପ୍ରଦାନ ପ୍ରକ୍ରିୟାକୁ ସରଳ ଓ ତ୍ୱରିତ କରାଯାଇପାରିବ ଏନେଇ ଫାଇଲ୍ ଓ କେସ୍ ରେକର୍ଡ ଚଳାଚଳ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି । ନୂତନ ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବ, ଅନୁମୋଦନ, ନିଷ୍ପତି ଓ ବିଭିନ୍ନ ପ୍ରକାରର କେସ୍ ରେକର୍ଡ ଯାହା ପାଇଁ ଅନୁପାଳନ (କମ୍ପ୍ଲାୟାନ୍ସ), ସ୍ୱଷ୍ଟିକରଣ କିମ୍ବା ଅତିରିକ୍ତ ଦସ୍ତାବିଜ୍ ଆବଶ୍ୟକ, ସେଗୁଡିକୁ ଆଉ ପୁନର୍ବାର ଅଧୀନସ୍ଥ କାର୍ଯ୍ୟାଳୟକୁ ଫେରାଇ ଦିଆଯିବନାହିଁ । ଏହା ପରିବର୍ତ୍ତେ ଔପଚାରିକ ଚିଠି କିମ୍ବା ଅଧୀକୃତ ଇ-ମେଲ୍ ମାଧ୍ୟମରେ ଏଗୁଡିକ ମଗାଯାଇପାରିବ । ଫାଇଲ୍ ଓ କେସ୍ ରେକର୍ଡ ନିଷ୍ପାଦନ ସହିତ ସମ୍ପୃକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ ସହିତ ଜିଲ୍ଲାର ସମସ୍ତ ସଂଲଗ୍ନ ଓ ଉପ-ଅଧିନସ୍ଥ କାର୍ଯ୍ୟାଳୟ ଗୁଡିକୁ ଏହି ନୂତନ ପ୍ରଣାଳୀ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି କ୍ଷେତ୍ରରେ ଅତିରିକ୍ତ ସୂଚନା, ସ୍ୱଷ୍ଟୀକରଣ କିମ୍ବା ଦଲିଲ ଆବଶ୍ୟକ ହେଲେ, ସେଥିପାଇଁ ସମ୍ପର୍କିତ ଅଧୀନସ୍ଥ କାର୍ଯ୍ୟାଳୟକୁ ଚିଠି କିମ୍ବା ଇ-ମେଲ୍ ମାଧ୍ୟମରେ ସୂଚିତ କରାଯିବ । ଉକ୍ତ କାର୍ଯ୍ୟାଳୟଗୁଡିକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବଶ୍ୟକ କମ୍ପ୍ଲାୟାନ୍ସ କିମ୍ବା ଦସ୍ତାବିଜ୍ ଦାଖଲ କରିବାକୁ ବାଧ୍ୟ ରହିବେ । ଏହି ବ୍ୟବସ୍ଥା ଫଳରେ ଅନାବଶ୍ୟକ ଫାଇଲ୍ ଚଳାଚଳ ହ୍ରାସ ପାଇବ, କାର୍ଯ୍ୟ ସମୟ ହ୍ରାସ ପାଇବ ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟା ତ୍ୱରିତ ହେବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହା ନିୟମାନୁକୂଳ ପ୍ରଣାଳୀକୁ ସରଳ କରିବା ସହିତ ଜିଲ୍ଲାରେ ନିବେଶ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସାହଯ୍ୟ କରିବ । ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଏହି ଆଦେଶ ତୁରନ୍ତ ପ୍ରଭାବୀ ହେବ ଏବଂ ସମସ୍ତ ସମ୍ପୃକ୍ତ କାର୍ଯ୍ୟାଳୟ ଏହାକୁ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି । ନିର୍ଦ୍ଦେଶ ଅମାନ୍ୟ ହେଲେ ତାହାକୁ ଗୁରୁତ୍ୱ ସହ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ଏହି ପଦକ୍ଷେପ ଦ୍ୱରା ଡିଜିଟାଲ୍ ଓ କାଗଜବିହୀନ ଶାସନ ପ୍ରଣାଳୀକୁ ଉତ୍ସାହିତ କରାଯିବା ସହିତ ସରକାରଙ୍କ ପ୍ରଶାସନିକ ସୁଧାର ଓ ଆର୍ଥିକ ବିକାଶ ଲକ୍ଷ୍ୟକୁ ଆହୁରି ଗତି ମିଳିବ ବୋଲି ଆଶା କରାଯାଇଛି ।

# ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍:ଓଡ଼ିଶାରେ ପ୍ରତିଷ୍ଠା ହେବ ବିରଳ ମୃତ୍ତିକା ଖଣିଜ କରିଡ଼ର

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




୨୦୨୬-୨୭ ଆର୍ଥିକ ବର୍ଷକୁ ନେଇ ଫେବୃୟାରୀ ୧ ତାରିଖ ଦିନ ଭାରତୀୟ ପାର୍ଲିଆମେଣ୍ଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନା କରିଥିଲେ । ବଜେଟ୍‌ରେ ଥିବା ବିଶେଷ ଦୃଷ୍ଟିକୋଣକୁ ନେଇ ଗତ ୨ ତାରିଖରେ ରାଉରକେଲା ପାନ୍ଥନିବାସ ସମ୍ମିଳନୀ କକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରୀୟ ବଜେଟ୍ ବିଷୟରେ ଆଲୋଚନା କରିବା ସହିତ ଓଡ଼ିଶା ସେଥିରୁ କିପରି ଉପକୃତ ହୋଇପାରିବ, ସେ ବିଷୟରେ ସୂଚନା ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଶା ପାଇଁ କେନ୍ଦ୍ର ବଜେଟ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ହୋଇଛି । ସେଥିମଧ୍ୟରେ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ସ୍ୱତନ୍ତ୍ର ବିରଳ ମୃତ୍ତିକା ଖଣିଜ କରିଡର ପ୍ରତିଷ୍ଠା କରାଯିବ । ଓଡ଼ିଶାରେ ଜାତୀୟ ଜଳ ମାର୍ଗ-୫ ନିର୍ମାଣ କରାଯିବା ସହ ତାଳଚେର ଏବଂ ଅନୁଗୁଳର ଖଣି ସମୃଦ୍ଧ କ୍ଷେତ୍ରକୁ କଳିଙ୍ଗ ନଗର ସହିତ ପାରାଦୀପ ଓ ଧାମରା ବନ୍ଦର ସହ ଯୋଡ଼ାଯିବା ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି । ଓଡ଼ିଶା ସମେତ ଅନ୍ୟାନ୍ୟ ଉପକୂଳବର୍ତ୍ତୀ କ୍ଷେତ୍ରରେ ଟର୍ଟଲ୍ ଟ୍ରେଲ୍ ବା କଇଁଛ ସୁରକ୍ଷାସ୍ଥଳୀ ବିକଶିତ କରାଯିବା ପାଇଁ ପ୍ରସ୍ତାବ ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି । ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ସ୍ୱତନ୍ତ୍ର ବିରଳ ମୃର୍ତ୍ତିକା କରିଡର ପ୍ରତିଷ୍ଠା କରାଯିବ । ଏହା ବିରଳ ମୃର୍ତ୍ତିକା ଖନନ, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବ । ଦେଶରେ ୨୦ଟି ନୂଆ ଜାତୀୟ ଜଳମାର୍ଗ ବିକଶିତ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିମଧ୍ୟରୁ ଓଡ଼ିଶାରେ ଜାତୀୟ ଜଳ ମାର୍ଗ-୫ ନିର୍ମାଣ କରାଯିବ । ଏହି ଜଳମାର୍ଗ ତାଳଚେର ଏବଂ ଅନୁଗୁଳର ଖଣି ସମୃଦ୍ଧ କ୍ଷେତ୍ରକୁ କଳିଙ୍ଗ ନଗର ସହିତ ପାରାଦୀପ ଓ ଧାମରା ବନ୍ଦରକୁ ଯୋଡ଼ିବ । ଏଥିପାଇଁ ଆବଶ୍ୟକ ମାନବ ସମ୍ବଳ ବିକାଶ ଲାଗି ତାଲିମ୍ ଅନୁଷ୍ଠାନ ଗୁଡ଼ିକୁ ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ରୂପେ ବିକଶିତ କରାଯିବ । ଏହାବ୍ୟତିତ ବାରଣାସୀ ଏବଂ ପାଟନାରେ ଅନ୍ତର୍ଦେଶୀୟ ଜଳ ମାର୍ଗ ନିମନ୍ତେ ଜାହାଜ ମରାମତି ଶିଳ୍ପ କେନ୍ଦ୍ର ନିର୍ମାଣ କରାଯିବ । ଉପକୂଳ କାର୍ଗୋ ପ୍ରୋତ୍ସାହନ ଯୋଜନା ଦ୍ୱାରା ମଧ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଲାଭାନ୍ୱିତ ହେବେ । ଏହା ଅନ୍ତର୍ଦେଶୀୟ ଜଳମାର୍ଗ ଏବଂ ଉପକୂଳ ଜାହାଜ ଚଳାଚଳକୁ ବଢ଼ାଇବ । ସମଗ୍ର ଦେଶରେ ସାତଟି ହାଇସ୍ପିଡ୍ ରେଳ କରିଡର ପ୍ରତିଷ୍ଠା କରାଯିବ । ଘରୋଇ କ୍ଷେତ୍ରରେ ଭାଗିଦାରିରେ ପାଞ୍ଚଟି ଆଞ୍ଚଳିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନାରେ ରାଜ୍ୟଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବ । ଦେଶରେ ତିନୋଟି ନୂଆ ସର୍ବଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା ନିମନ୍ତେ ବଜେଟ୍‌ରେ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଡିଜାଇନ୍ ଶିକ୍ଷା ଓ ବିକାଶକୁ ପ୍ରୋତ୍ସାହନ ଲାଗି ନୂଆ ଜାତୀୟ ଡିଜାଇନ୍ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ । ସେହିପରି ଦେଶର ୧୫ ହଜାର ସ୍କୁଲ୍ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ପ୍ରୟୋଗଶାଳା ପ୍ରତିଷ୍ଠା ଲାଗି ମୁମ୍ବାଇର ଆଇଆଇସିଟିକୁ ସହାୟତା ଯୋଗାଇ ଦିଆଯିବ ଓ ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡର ପାଖରେ ପାଞ୍ଚଟି ବିଶ୍ୱବିଦ୍ୟାଳୟ ସହର ବିକଶିତ କରାଯିବ ବୋଲି ବଜେଟ୍‌ରେ ଘୋଷଣା କରାଯାଇଛି । ଓଡ଼ିଶା ସମେତ କର୍ଣ୍ଣାଟକ ଏବଂ କେରଳର ଉପକୂଳବର୍ତ୍ତୀ କ୍ଷେତ୍ରରେ ଟର୍ଟଲ୍ ଟ୍ରେଲ୍ ବା କଇଁଛ ସୁରକ୍ଷାସ୍ଥଳୀ ବିକଶିତ କରାଯିବ । ଏହା ମାଧ୍ୟମରେ କଇଁଛଙ୍କ ଅଣ୍ଡାଦାନ ଏବଂ ଛୁଆ ଫୁଟାଇବା ପ୍ରକ୍ରିୟା ନିମନ୍ତେ ସୁରକ୍ଷିତ ଆବାସସ୍ଥଳୀ ଯୋଗାଇ ଦିଆଯାଇପାରିବ । ଦେଶରେ ୧୫ଟି ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ବିକଶିତ କରାଯିବ । ବିକାଶ ଏବଂ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବୋଦୟ ରାଜ୍ୟ ଏବଂ ଉତ୍ତର-ପୂର୍ବ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ । ଦୁର୍ଗାପୁରରେ ଏକ ସୁସଂଯୁକ୍ତ ନୋଡ୍ ସହିତ ସମନ୍ୱିତ ପୂର୍ବତଟ ଶିଳ୍ପ କରିଡର, ୫ଟି ପୂର୍ବୋଦୟ ରାଜ୍ୟରେ ୫ଟି ପର୍ଯ୍ୟଟନସ୍ଥଳ ସୃଷ୍ଟି ଏବଂ ୧୦୦୦ ଇ-ବସ୍ ବ୍ୟବସ୍ଥା କରାଯିବାକୁ ବଜେଟ୍‌ରେ ଘୋଷଣା କରାଯାଇଛି । ଅଧିକ ନଡ଼ିଆ ଉତ୍ପାଦିତ ରାଜ୍ୟରେ ନଡ଼ିଆ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯିବ । ଏହାବ୍ୟତୀତ ଉପକୂଳବର୍ତ୍ତୀ ରାଜ୍ୟରେ ନଡ଼ିଆ, ଚନ୍ଦନ, କୋକୋଆ ଏବଂ କାଜୁ ଭଳି ଚାଷକୁ ପ୍ରୋତ୍ସାହନ ମିଳିବ । ସରକାର ଷୋଡ଼ଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ରାଜ୍ୟମାନଙ୍କୁ ୧.୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଯୋଗାଇଦେବେ । ଏଥିରେ ଗ୍ରାମୀଣ ଓ ସହରାଞ୍ଚଳ ପ୍ରଶାସନ ଲାଗି ଅନୁଦାନ ଏବଂ ବିପର୍ଯ୍ୟୟ ପରିଚାଳନା ଅନୁଦାନ ସାମିଲ ରହିଛି ବୋଲି ବଜେଟ୍‌ରେ ବ୍ୟବସ୍ଥା ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଥିଲେ । କେନ୍ଦ୍ରୀୟ ବଜେଟ୍‌କୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଜ୍ୟ ବିଜେପି ପ୍ରବକ୍ତା ଧିରେନ ସେନାପତି, ରାଉରକେଲା ଜିଲ୍ଲା ସଭାପତି ପୂର୍ଣ୍ଣିମା କେରକେଟା, ବିଜେପିର ବରିଷ୍ଠ ନେତା ଜଗବନ୍ଧୁ ବେହେରା, ଅଭିରାମ ମହାକୁଲ, ଅମରେନ୍ଦ୍ର ଶରଣ, ସତ୍ୟ ଶର୍ମା, ରାଉରକେଲା ଜିଲ୍ଲା ବିଜେପି ପ୍ରବକ୍ତା ଗଙ୍ଗାଧର ଦାଶ, ରଂଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଘାଟରେ ବାଲିରାସ୍ତା:ଦୁର୍ଘଟଣା ବୃଦ୍ଧି

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ-କୋଣାର୍କ ରାସ୍ତାର ମାଟିଆପଡା ରେଲୱେ ଓଭରବ୍ରିଜ୍ କାମ ଚାଲିଛି । ନିର୍ଦ୍ଦିଷ୍ଟ ସମୟ ସୀମା ଅବଧି ମଧ୍ୟରେ କାମ ଶେଷ ହେବା ନେଇ ଜନତା ଆଶଙ୍କା କରିଛନ୍ତି । ସିଦ୍ଧମହାବୀର ଛକ ଠାରୁ ବାଲିଘାଟ ଛକ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଉଦ୍ଦେଶ୍ୟମୂଳକ ଭାବେ ବେପରୁଆ ଢଙ୍ଗରେ ମାଟି ଖୋଳି ରାସ୍ତାକୁ ମଡାଇ ରଖାଯାଇଛି । ବହୁଦିନ ଧରି କାମ ନିର୍ମାଣରେ ବିଳମ୍ବ କରିବା ଯୋଗୁ ପ୍ରତିଦିନ ହଜାର ହଜାର ବାଇକ୍ ଆରୋହୀ ଯମ ଯନ୍ତଣା ଭୋଗୁଛନ୍ତି । ଟ୍ରକ୍ ଓ ଜେସିବିରୁ ବାଲି ଖୋଳି କୁମୁଟିପାଟଣା ଛକରୁ ବାଲିଘାଟ ଶିବ ମନ୍ଦିର ପର୍ଯ୍ୟନ୍ତ ପିଚୁ ଉପରେ ବାଲି ଆସନ୍ତରଣ ଜମିଗଲାଣି । ରାସ୍ତା ଉପରେ ବାଲି ଗଦା ଯୋଗୁ ପିପିଲି ବାଇପାସ୍ ରାସ୍ତାରେ ସ୍କୁଟି ସ୍ଲିପ୍ କରି ଜଣେ ସାମ୍ବାଦିକାଙ୍କ ମୃତ୍ୟୁ ଘଟିଥିଲା । ଓଭରବ୍ରିଜ୍ ସରିବ ସରିବ କୁହାଯାଉଥିବା ବେଳେ ସମୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି । ଧିମା କାମ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ବିରକ୍ତି ଭାବ ପ୍ରକାଶ କଲେଣି । ସାଇଡ୍ ୱାଲ୍ ନିର୍ମାଣ ମଧ୍ୟ କଚ୍ଛପ ଗତିରେ ଚାଲିଛି । କିଛିଦିନ ତଳେ ପୁରୀ ସାଂସଦ ଖୁବ୍‌ଶୀଘ୍ର କାମ ସରିବ ବୋଲି ସ୍ପଟ୍ ଭିଜିଟ୍ କରିଥିଲେ । ଉକ୍ତ ଓଭରବ୍ରିଜ୍ ନିର୍ମାଣ ଆରମ୍ଭ ହେବା ପରେ ଅନ୍ୟ ସହରରେ ଏହାଠାରୁ ଅଧିକ ଲମ୍ବାର ଓଭରବ୍ରିଜ୍ କାମ ଶେଷ ହୋଇଗଲାଣି । ଜାତୀୟ ରାଜପଥ ଉପରେ ବାଲି ଜମା ହେବନାହିଁ ବୋଲି କର୍ତ୍ତୃପକ୍ଷ ତାଗିଦ କରିଛନ୍ତି । ସେନାପତି ବଗିଚା ଓ ମହାନ୍ତି ସାହି କର୍ଣ୍ଣର ପଏଣ୍ଟରେ ଗାଡି ଅତିକ୍ରମ କରିବା ପାଇଁ ୧୦ ମିନିଟ୍ ଲାଗୁଛି । ଯାନବାହନ ରାସ୍ତାଟି ସୁଗମ କରିବା ସହ ରାସ୍ତାରୁ ତୁରନ୍ତ ବାଲି ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।



# ଭଙ୍ଗା ପରିବାରକୁ ଯୋଡ଼ିଲେ ପରିବାର ଅଦାଲତ ବିଚାରପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଏକ ଭଙ୍ଗା ପରିବାରକୁ ଯୋଡ଼ି ପୁନର୍ବାର ଘର ସଂସାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଭାଗ୍ୟଧର ସେଠୀ ଯଦୁପୁର ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁରୁ ଗ୍ରାମର ଲକ୍ଷ୍ମୀପ୍ରିୟା ଦାସଙ୍କୁ ୨୦୧୦ ମସିହାରେ ବିବାହ କରିଥିଲେ । ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ପରିବାର ଅଦାଲତରେ ଭାଗ୍ୟଧର ସେଠୀ ଛାଡ଼ପତ୍ର ମାମଲା ରୁଜୁ କରିଥିବାବେଳେ ଲକ୍ଷ୍ମୀପ୍ରିୟା ଭରଣପୋଷଣ ମାମଲା ରୁଜୁ କରିଥିଲେ । ପରିବାର ଅଦାଲତର ବିଚାରପତି ଶ୍ରୀ ପଣ୍ଡା ଓ ବରିଷ୍ଠ ଆଇନ୍‌ଜୀବୀ ପ୍ରମୋଦ କୁମାର ନାୟକ ଉଭୟଙ୍କୁ ବୁଝାସୁଝା କରାଇ ପୁନର୍ବାର ନିଜ ଘର ସଂସାର କରିବାକୁ ପରାମର୍ଶ ଦେଇଛନ୍ତି । ଉଭୟ ଏହି ପରାମର୍ଶରେ ରାଜି ହୋଇ ତାଙ୍କର ଏକମାତ୍ର ପୁତ୍ରକୁ ସାଙ୍ଗରେ ଧରି ହସ ଖୁସିରେ ଘରକୁ ଫେରିଥିବା ଜଣାପଡିଛି । ଝିଅ ତରଫରୁ ସରୋଜ କୁମାର ଜେନା ମାମଲା ପରିଚାଳନା କରିଥିଲେ ।

# ଓମ୍‌ଫେଡ଼ ବୁଥ୍‌ରେ ଅନ୍ୟ ସାମଗ୍ରୀ ବିକ୍ରି କଲେ ହେବ ଆକ୍ସନ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓମ୍‌ଫେଡ଼ ବୁଥ୍‌ରେ ଓମ୍‌ଫେଡ଼ ସାମଗ୍ରୀ ବ୍ୟତିତ ଅନ୍ୟ କୌଣସି ସାମଗ୍ରୀ ବିକ୍ରି କଲେ ହେବ ଆକ୍ସନ୍ । ଖୁବ୍‌ଶୀଘ୍ର କଟକଣା ଜାରି କରିବାକୁ ଯାଉଛନ୍ତି ରାଜ୍ୟ ସରକାର । ବିଭାଗର ନଜରକୁ ଆସିଛି ଅନେକ ଓମ୍‌ଫେଡ଼ ବୁଥ୍‌ରେ ଓମ୍‌ଫେଡ଼ ସାମଗ୍ରୀ ବ୍ୟତିତ ଅନ୍ୟ ସାମଗ୍ରୀ ସବୁ ବିକ୍ରି ହେଉଛି । ତେଣୁ ଏଭଳି କଟକଣା ଜାରି କରିବାକୁ ସରକାର ନିଷ୍ପତ୍ତି ନେଉଛନ୍ତି ବୋଲି କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

# ଲୋକସଭାରେ ଉଠିଲା ବୈତରଣୀ ବନ୍ୟା ସମସ୍ୟା:ବ୍ୟାରେଜ୍ ନିର୍ମାଣ ପାଇଁ ଦାବି

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ନଦୀର ପ୍ରତିବର୍ଷ ଆସୁଥିବା ବନ୍ୟା ଓ ଏଥିରୁ ସୃଷ୍ଟ ହେଉଥିବା ବ୍ୟାପକ କ୍ଷୟକ୍ଷତି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସୋମବାର ଦିନ ଉଠାଇ ବ୍ୟାରେଜ୍ ନିର୍ମାଣ କରି ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି । ସେ ନିୟମ ୩୭୭ ଅନୁଯାୟୀ ଲୋକସଭାରେ ଉଠାଇଛନ୍ତି । ସାଂସଦ ନାୟକ କହିଛନ୍ତି ଯେ, ହାଟଡିହି ବ୍ଲକରେ ବୈତରଣୀ ନଦୀର ବାମ କୂଳରେ ସ୍ଥାୟୀ ବନ୍ଧ ନଥିବାରୁ ୧୯୭୨, ୧୯୯୯, ୨୦୦୯, ୨୦୧୧, ୨୦୧୨, ୨୦୧୩, ୨୦୧୪ ଏବଂ ୨୦୨୧ ମସିହାରେ ଅଞ୍ଚଳଟି ଭୟାବହ ବନ୍ୟାର ସମ୍ମୁଖୀନ ହୋଇଥିଲା । ସେ କହିଛନ୍ତି ଯେ, ବନ୍ୟା କାରଣରୁ ରାଧାପୁରରୁ ବାଲିପୁର ଦେଇ ନୂଆଗାଁ ପର୍ଯ୍ୟନ୍ତ ପ୍ରାୟ ୩.୫ କିଲୋମିଟର ଏବଂ ସମାନାରୁ ଆମ୍ବୋ ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଅଞ୍ଚଳ ପ୍ରଭାବିତ ହୁଏ । ଏଥିରେ ପ୍ରାୟ ୨୫,୦୦୦ ଲୋକ ପ୍ରଭାବିତ ହେଉଥିବା ବେଳେ ୧,୦୦୦ ଏକରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୁଏ । ସେ କହିଛନ୍ତି ଯେ ପଞ୍ଚୁଗୋଛିଆ, ଆମ୍ବୋ, ବଞ୍ଚୋ ଓ ସୁଲଣ ଗ୍ରାମ ପଞ୍ଚାୟତ ମଧ୍ୟରେ ବୈତରଣୀର ଉପନଦୀ 'ଢେଙ୍କା' ପ୍ରବାହିତ ହୋଇ ତରଭା ନିକଟରେ ବୈତରଣୀ ନଦୀରେ ମିଶିଛି । ଆଡ଼ିବନ୍ଧ ଦୁର୍ବଳ ଥିବାରୁ ବନ୍ୟା ସମୟରେ ଆମ୍ବୋ ଓ ରମ୍ପାସ ଗ୍ରାମ ପଞ୍ଚାୟତ ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ । ସାଂସଦ ଅନନ୍ତ ନାୟକ ଦାବି କରିଛନ୍ତି ଯେ, ଯଦି ଆମ୍ବୋ ତଟବର୍ତ୍ତୀ ଢେଙ୍କା ଉପନଦୀରେ ଏକ ବ୍ୟାରାଜ୍ ନିର୍ମାଣ କରାଯାଏ ଏବଂ ବୈତରଣୀ ନଦୀର ବାମ କୂଳରେ ସ୍ଥାୟୀ ବନ୍ଧ ତିଆରି ହୁଏ, ତେବେ ଚାଷ ଜମିକୁ ବନ୍ୟା ଜଳରୁ ରକ୍ଷା କରାଯିବା ସହ ଉପରୋକ୍ତ ପଞ୍ଚାୟତମାନଙ୍କ ମଧ୍ୟରେ ଯାତାୟାତ ସୁବିଧା ସୁନିଶ୍ଚିତ ହୋଇପାରିବ । ସେ କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୨।୨୦୨୬, ମାଘ ଦି୨୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୨୩।୪୭** **ଚନ୍ଦ୍ରୋଦୟ-ରାଘ୮।୧୫।୫୬**

**ତୃତୀୟା-** ରାଘ୧୬।୧୧ ପର୍ଯ୍ୟନ୍ତ ପୁର୍ବାଫାଲଗୁନୀ ନକ୍ଷତ୍ର ରାଘ୧୦।୧୨ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ରାଘ୪।୨୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, କୁମ୍ଭ ଓ ମୀନ ରାଶିର । ରାଘ ୪।୨୩ ଗତେ ମେଷ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ରାଘ ୪।୨୩ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୦।୧୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୫ ଗତେ ଦିଘ ୭।୫୨ ମଧ୍ୟେ । ଦିଘ ୧୦।୩୮ ଗତେ ଦିଘ ୧୧।୩୯ ମଧ୍ୟେ । **ପର୍ବୋତ୍ସବ-** ବିଶ୍ୱ କର୍କଟ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ।

**ମେଷ:** ବ୍ୟବସାୟରେ କ୍ଷତି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ । ମାନସିକ ଅଶାନ୍ତି ଦୂର ହେବ । ଅଧିକ ଭ୍ରମଣ କରି ଶାରୀରିକ ପୀଡା ଦେଖାଦେଇପାରେ । ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।

**ବୃଷ:** ଭ୍ରମଣ ଯୋଗ ମଧ୍ୟ ରହିଛି । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ପରୋପକାରୀ ହେବେ । ମନ ଭଲ ରହିବ ।

**ମିଥୁନ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ଚିନ୍ତାର୍ଥୀ ହେବେ । ପରୋପକାରୀ ହେବେ ।

**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଖର୍ଚ୍ଚର ପରିମାଣ ବଢିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପାରିବାରିକ ଅସନ୍ତୋଷ ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।

**ସିଂହ:** ଆଜି ଦିନଟି ଭଲରେ କଟିବ । ପରିଶ୍ରମ ଅଧିକ କରିବାକୁ ପଡିପାରେ । ନୂତନ ଯାନବାହାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।

**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ବ୍ୟୟ ଯୋଗ ମଧ୍ୟ ରହିଛି । ଦୂରଯାତ୍ରା ମଧ୍ୟ କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ସମ୍ମାନିତ ହେବାର ସୂଚନା ।

**ତୁଳା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧନ ଲାଭର ସୁଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି । ମହିଳାମାନେ ସୁଖୀ ହେବେ ।

**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । କଚେରୀ ମାମଲାରେ ବିଜୟ ହାସଲ କରିବେ । ଆର୍ଥିକ ପରିସ୍ଥିତି ସୁଦୃଢ ରହିବ । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

**ଧନୁ:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା । ଦୟାଳୁ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।

**ମକର:** ଆଜି ଟିକେ ସାବଧାନ ସହକାରେ ଚଳିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ । ଧନ ଲାଭର ଯୋଗ ରହିଛି । ଘରେ ଆନନ୍ଦ ।

**କୁମ୍ଭ:** ଦେହ ଓ ମନ ଭଲ ରହିବ । ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢାପଢିରେ ଅବହେଳା କରିବେ ।

**ମୀନ:** ଦୂରକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ରୋଜଗାରରେ ଅଗ୍ରଗତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ମହିଳାମାନେ ସୁଖୀ ହେବେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୫।୦୨।୨୦୨୬, ମାଘ ଦି ୨୩ ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୨୩।୨୧** **ଚନ୍ଦ୍ରୋଦୟ- ସଂଘ ୮।୫୮।୨୨**

**ଚତୁର୍ଥୀ-** ରାଘ ୧୨।୨୪ ପର୍ଯ୍ୟନ୍ତ । ଉତ୍ତରା ଫାଲଲ୍ଗୁନୀ ନକ୍ଷତ୍ର ରାଘ ୧୦।୫୮ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-**ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୨।୨୪ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୫ ଗତେ ଦିଘ ୭।୫୫ ମଧ୍ୟେ । ଦିଘ ୧୦।୫୫ ଗତେ ଦିଘ ୧।୦୯ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମୋଦିଙ୍କ ସହ ଫୋନରେ କଥାବାର୍ତ୍ତା ପରେ ଟ୍ରମ୍ପ ଟାରିଫ୍ ନେଇ ବଡ଼ ଘୋଷଣା କରିଛନ୍ତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ତାରିଖ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ଏହି ସମୟରେ ସେ ଟାରିଫ୍ ନେଇ ବଡ଼ ଘୋଷଣା କରିଥିଲେ। ଟ୍ରମ୍ପ କହିଥିଲେ ଯେ, ଆମେରିକା ଏବେ ଭାରତ ଉପରେ ଲାଗୁ ହୋଇଥିବା ପାରସ୍ପରିକ ଟାରିଫକୁ ୨୫ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ କରିଦେବ। ଆମେରିକୀୟ ରାଷ୍ଟ୍ରପତି ଟ୍ରମ୍ପ ଏକ ପୋଷ୍ଟରେ ନିଜେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି- 'ଭାରତର ପ୍ରଧାନମନ୍ତ୍ରୀ ମୋଦି ଜୀଙ୍କ ସହ କଥା ହୋଇ ମୁଁ ଖୁବ୍ ସମ୍ମାନିତ ଅନୁଭବ କଲି। ସେ ମୋର ସବୁଠାରୁ ଭଲ ବନ୍ଧୁଙ୍କ ମଧ୍ୟରୁ ଜଣେ ଏବଂ ସେ ତାଙ୍କ ଦେଶର ଜଣେ ଶକ୍ତିଶାଳୀ ଏବଂ ସମ୍ମାନିତ ନେତା । ଆମେ ବାଣିଜ୍ୟ , ରୁଷ-ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲୁ। ସେ ରୁଷୀୟ ତେଲ କିଣିବା ବନ୍ଦ କରିବା ଏବଂ ଏହାର ବଦଳରେ ଆମେରିକାରୁ ଅଧିକ ତେଲ କିଣିବାକୁ ରାଜି ହୋଇଥିଲେ । ଏହାସହ ସମ୍ଭାବିତ ରୂପେ ଭେନେଜୁଏଲ ଠାରୁ ମଧ୍ୟ। ଏହି ପଦକ୍ଷେପ ୟୁକ୍ରେନରେ ଚାଲିଥିବା ଯୁଦ୍ଧକୁ ସମାପ୍ତ କରିବାରେ ସାହାଯ୍ୟ କରିବ, ଯେଉଁଠାରେ ପ୍ରତି ସପ୍ତାହରେ ହଜାର ହଜାର ଲୋକଙ୍କ ଜୀବନ ଯାଉଛି। ସେ ଆହୁରି କହିଛନ୍ତି ମୋଦିଜୀଙ୍କ ପ୍ରତି ବନ୍ଧୁତା ଏବଂ ସମ୍ମାନ କାରଣରୁ , ତଥା ତାଙ୍କର ଅନୁରୋଧରେ, ଆମେ ତତ୍କାଳ ଆମେରିକା ଓ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତି ପ୍ରକାଶ କରିଛୁ। ଆମେରିକା ଏବେ ଭାରତ ଉପରେ ପାରସ୍ପରିକ ଟାରିଫକୁ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବ। ଭାରତ ମଧ୍ୟ ଆମେରିକା ବିରୁଦ୍ଧରେ ଏହାର ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକକୁ ଶୂନ୍ୟ କରିବା ଦିଗରେ ଆଗେଇବ। ପ୍ରଧାନମନ୍ତ୍ରୀ ମୋଦି 'ବାୟ ଆମେରିକାନ' ନୀତିକୁ ଖୁବ୍ ଉଚ୍ଚ ସ୍ତରରେ ଆପଣାଇବାର ପ୍ରତିବଦ୍ଧତା ଦର୍ଶାଇଛି। ଯେଉଁଥିରେ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି, କୋଇଲା ଏବଂ ଅନ୍ୟାନ୍ୟ ଉତ୍ପାଦର କ୍ରୟ ଅନ୍ତର୍ଭୁକ୍ତ । ଭାରତ ସହ ଆମର ଚମତ୍କାର ସମ୍ପର୍କ ଆହୁରି ମଜବୁତ ହେବ' ବୋଲି ସେ କହିଛନ୍ତି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

### ସ୍ୱପ୍ନ



ସପନର ଶେପ ଏ ଦୁନିଆ
ସପନ ଶେଯରେ ଶୋଇ ଶୋଇ
ଜୀବନକୁ ଉପଭୋଗ
କରି ହୁଏ ନାହିଁ । ୧ ।
ଏଇ ସ୍ୱପ୍ନ, ନେଇ ଚାଲେ
କେତେବେଳେ ଦୂର ଦିଗବଳୟେ
ସେଠି ବି ଶୂନ୍ୟତା ।
କେତେବେଳେ ନେଇଚାଲେ
ମନ୍ଦିର, ମସଜିଦ, ମଠ
ଆକାଶ, ପାତାଳ
କିପରି ଏ ସ୍ୱପ୍ନ ?
ଭାବିଲେ ବି ଭାବି ହୁଏ ନାହିଁ ।୨।
ଏଇ ସ୍ୱପକ୍ନ ନେଇଚାଲେ
କେତେବେଳେ ଶ୍ମଶାନ ଜୁଇକୁ
କେତେବେଳେ ଏଇ ସ୍ୱପ୍ନ
ହୋଇଥାଏ ସୁଖ ଆଉ ଦୁଃଖର ମଧ୍ୟସ୍ଥି
କାହିଁକି ଏପରି ହୁଏ
ଭାବିଲେ ବି ଭାବି ହୁଏନାହିଁ । ୩।
କେତେବେଳେ ଏଇ ସ୍ୱପ୍ନ
ଜଗତକୁ ଭାଙ୍ଗିଦେଇ
ଗଢିତୋଳେ ସପନ ତାଜମହଲ
କିନ୍ତୁ କାହିଁକି ?
କାହା ପାଇଁ କରୁଛି ସେ
କିଛି ଭାବି ହେଉନାହିଁ ।୪।
କେତେବେଳେ ଏଇ ସ୍ୱପ୍ନ
ବସନ୍ତର ବାସନେଇ
ପ୍ରେମିକ ପ୍ରେମିକା ହୃଦେ କରଇ ଗୁଞ୍ଜନ
କେତେବେଳେ ଏଇ ସ୍ୱପ୍ନ
କାଳର କରାଳ ହୋଇ
ଭାଙ୍ଗି ଦିଏ ଜୀବନର ସକଳ
ବୈଭବ
କହିଲରେ ଭାବି କରି
କିଏ ଏହି ସ୍ୱପ୍ନ ସୌଦାଗର ।।?
ସପନର ଶେଯ ପାରି କରେ
ହରବର । ୫ ।

# ଅଦ୍ୱୈତବାଦୀଙ୍କ କଳ୍ପନାରେ ଶ୍ରୀକୃଷ୍ଣ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଆବିର୍ଭୂତ ଅଦୈତ ସମ୍ପ୍ରଦାୟର ଆଚାର୍ଯ୍ୟ ଲକ୍ଷ୍ମୀଧର କବି ତାଙ୍କ ରଚିତ "ଅଦୈତ ମକରନ୍ଦ" ପୁସ୍ତକରେ ନିଜର ଇଷ୍ଟଦେବତା ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତିଅର୍ଘ୍ୟରେ ଲେଖିଛନ୍ତି

କଟାକ୍ଷକିରଣାଚାନ୍ତନମନ୍ମୋହାବ୍ଧୟେ ନମଃ।
ଅନନ୍ତାନନ୍ଦ କୃଷ୍ଣାୟ ଜଗନ୍ମଙ୍ଗଲ ମୂର୍ତ୍ତୟେ।

ଶବ୍ଦାର୍ଥ: ନମଃ ପ୍ରଣାମ ବା ନମସ୍କାର; ଅନନ୍ତ ଆନନ୍ଦ କୃଷ୍ଣାୟ= ଅନନ୍ତ ଆନନ୍ଦ ସ୍ୱରୂପ ଶ୍ରୀକୃଷ୍ଣଙ୍କୁ; ଜଗତ୍-ମଙ୍ଗଲ-ମୂର୍ତ୍ତୟେ= ଯାହାର ମୂର୍ତ୍ତି ଜଗତ୍‌କୁ ମଙ୍ଗଳ ବା ଶୁଭ ପ୍ରଦାନ କରେ; କଟାକ୍ଷକିରଣ-ଆଚାନ୍ତ-ନମତ୍ ମୋହ ଅବ୍ଧୟେ= ଏବଂ ଯାହାର ବକ୍ର ଦୃଷ୍ଟିର ଏକ କିରଣ ଦ୍ୱାରା ତାଙ୍କର ଶରଣରେ ଆସିଥିବା ଭକ୍ତମାନଙ୍କର ମୋହରୂପୀ ସମୁଦ୍ର ଶୁଷ୍କ ହୋଇଯାଏ।

ଭାବାର୍ଥ: "ସେହି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରଣାମ, ଯିଏ ଅନନ୍ତ ଆନନ୍ଦ ସ୍ୱରୂପ ଅଟନ୍ତି, ଯାହାର ମୂର୍ତ୍ତି ଜଗତ୍‌କୁ ମଙ୍ଗଳ ପ୍ରଦାନ କରେ ଏବଂ ଯାହାର ବକ୍ର ଦୃଷ୍ଟିର ଏକ କିରଣ ଦ୍ୱାରା ଶରଣାପନ୍ନ ହୋଇଥିବା ଭକ୍ତମାନଙ୍କର ମୋହରୂପୀ ସମୁଦ୍ର ଶୁଷ୍କ ହୋଇଯାଏ।"

ବ୍ୟାଖ୍ୟା: ଆମର ସାଂସ୍କୃତିକ ପରମ୍ପରାରେ ମାତା-ପିତା, ଗୁରୁ ଅଥବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ନାମ ନେଇ ଡାକିବା ଅନାଦର ସୂଚକ ଅଟେ। ତେଣୁ ଏହି ଗ୍ରନ୍ଥର ଲେଖକ ତାଙ୍କର ଗୁରୁଙ୍କ ନାମକୁ ପରୋକ୍ଷ ରୂପେ ଉଲ୍ଲେଖ କରି ତାଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିଛନ୍ତି। ଗୁରୁ ଏବଂ ଇଷ୍ଟଦେବଙ୍କ ନାମର ଏଭଳି ସମାସ କରାଯାଇଛି, ଯଦ୍ଦ୍ୱାରା କି ଗୁରୁ ଏବଂ ଈଶ୍ୱରଙ୍କର ଅଭେଦ ସିଦ୍ଧ ହୋଇଥାଏ। ଭଗବାନ ଶ୍ରୀକୃଷ୍ଣଙ୍କୁ ନମସ୍କାର କରିବାର ଅର୍ଥ, ତାଙ୍କ ସହିତ ଆତ୍ମାକୁ ମିଶାଇଦେବା। ଏହିପରି ଗୁରୁ, ଈଶ୍ୱର ତଥା ଆତ୍ମା, ଅନ୍ତତଃ ଏକ ତତ୍ତ୍ୱ ଅଟେ। ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ସେହି ମନ ଆକର୍ଷଣକାରୀ ରୂପକୁ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ଧାରଣ କରିଥିଲେ। ତାଙ୍କର କୃପା-କଟାକ୍ଷର କିରଣ ଭକ୍ତଜନମାନଙ୍କ ମୋହରୂପୀ ସମୁଦ୍ରକୁ ଶୁଷ୍କ କରିଦିଏ।

ଏଠାରେ 'ମୋହ'ର ତୁଳନା ସମୁଦ୍ର ସହିତ କରାଯାଇଛି। କାରଣ, ଅପାର ସମୁଦ୍ର ସଦୃଶ ଏହି ମୋହକୁ ପାର କରିବା ବଡ଼ କଠିନ ଅଟେ। ସମୁଦ୍ରର ଉତ୍ତାଳ ତରଙ୍ଗମାଳାକୁ ମୋହରୁ ଉତ୍ପନ୍ନ ହେଉଥିବା ଭ୍ରାନ୍ତି ଓ ବିକ୍ଷେପ ସହିତ ତୁଳନା କରାଯାଇପାରେ। ସମୁଦ୍ରର କୁମ୍ଭୀର, ମତ୍ସ୍ୟ, ସର୍ପ ଆଦି ଭୟଙ୍କର ଜଳଜନ୍ତୁଙ୍କ ସଦୃଶ ଆମର ମନରେ ଥିବା ରାଗ, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି ଆମକୁ ଗିଳିଦେବା ଲାଗି ସର୍ବଦା ମୁହଁ ଖୋଲି ରହିଛନ୍ତି।

ଈଶ୍ୱରକୃପା, ଗୁରୁକୃପା ଏବଂ ଶାସ୍ତ୍ରକୃପାରୁ ବଞ୍ଚିତ ବ୍ୟକ୍ତି ମୋହରୂପୀ ଗଭୀର ସମୁଦ୍ରରେ ବୁଡ଼ି ମରିଥାନ୍ତି। ସେମାନଙ୍କ କୃପାର ଚିହ୍ନ କ'ଣ ? ପରମ ସତ୍ୟକୁ ଜାଣିବା ପାଇଁ ତୀବ୍ର ଜିଜ୍ଞାସା ହିଁ 'ଈଶ୍ୱର କୃପା'ର ସୂଚକ। ଜିଜ୍ଞାସୁକୁ ଶିଷ୍ୟରୂପେ ସ୍ୱୀକାର କରିବା ଏବଂ ପ୍ରସନ୍ନତାପୂର୍ବକ ତାଙ୍କୁ ଉପଦେଶ ଦେବା ହେଉଛି, ଗୁରୁକୃପା। ଶ୍ରୁତି ସେହି ପରମ ସତ୍ୟକୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କଠାରେ ଥିବା ସେମାନଙ୍କ ମାନସିକ ଯୋଗ୍ୟତା ଅନୁସାରେ ବିଭିନ୍ନ ପ୍ରକାରରେ ସ୍ୱୟଂକୁ ବ୍ୟକ୍ତ କରି ସେମାନଙ୍କ ଉପରେ କୃପାବର୍ଷା କରିଥାଏ। ଏହି ଉପର୍ଯ୍ୟୁକ୍ତ ତିନି ପ୍ରକାର କୃପା ସହିତ ଆତ୍ମକୃପା ସବୁଠାରୁ ଅଧିକ। ଥରେ ମାତ୍ର ମନରେ ସତ୍ୟ ପ୍ରତି ଜିଜ୍ଞାସା ଉତ୍ପନ୍ନ ହୋଇଗଲେ, ଦୃଢ଼ ଭାବରେ ସେହି ଲକ୍ଷ୍ୟରେ ଅଗ୍ରସର ହୋଇ ପୁନର୍ବାର ପଛକୁ ନ ଫେରିବା ହିଁ ଆତ୍ମକୃପା।

ଆଚାର୍ଯ୍ୟ ଲକ୍ଷ୍ମୀଧରଙ୍କର ଗୁରୁ ଥିଲେ ଅନନ୍ତାନନ୍ଦ ସ୍ୱାମୀ, କେତେକ ତାଙ୍କର ଜନ୍ମସ୍ଥାନ ଓଡ଼ିଶାର ଶ୍ରୀଜଗନ୍ନାଥଙ୍କ ଧାମ କହୁଥିବା ବେଳେ 'ଅଦୈତ ମକରନ୍ଦ'ର ବ୍ୟାଖ୍ୟାକାର ମହାନ ବେଦାନ୍ତୀ ସ୍ୱୟଂପ୍ରକାଶ ଯତିଙ୍କର ବିଶ୍ୱାସ ଯେ ସେ ତାମିଲନାଡୁର ତିରୁଚି ପ୍ରାନ୍ତରେ ଜନ୍ମଗ୍ରହଣ କରିଥିଲେ।

ଆଲୋଚନା

ଜଣେ ବେଦାନ୍ତୀଙ୍କର ଏହି ମତ ଉପରେ ଆଲୋଚନା କଲେ ଦେଖାଯାଏ ଯେ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ଆକର୍ଷଣର ମହାଶକ୍ତି। 'ଆକର୍ଷୟତି ଇତି କୃଷ୍ଣ'ର ବ୍ୟାପକତାକୁ ବିଶ୍ଳେଷଣ କଲେ ମହାକର୍ଷଣ ଶକ୍ତିର ପରିଚୟ ମିଳିଥାଏ। ଏହି ମହାଜଗତର ପ୍ରତ୍ୟେକଟି ଅଣୁ ପରମାଣୁରେ ସେପରି ସତ୍ତା ବିଦ୍ୟମାନ। ବିଖ୍ୟାତ ପଦାର୍ଥ ବିଜ୍ଞାନୀ ଆଲ୍‌ବର୍ଟ ଆଇନଷ୍ଟାଇନଙ୍କ ମତରେ ସେହି ମହାକର୍ଷଣର ତରଙ୍ଗ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଆଚ୍ଛାଦିତ କରିଛି। ଜୀବ ଏବଂ ଜଡ଼ଜଗତରେ ଆକର୍ଷଣର ଶକ୍ତି ଯେପରି ପରିଲକ୍ଷିତ ତାହା ବି ହୋଇଥାଏ ଅନ୍ତରୀକ୍ଷରେ ଅନୁଭୂତ। ପରସ୍ପର ଆକର୍ଷଣଜନିତ ଦୁଇଟି କୃଷ୍ଣଗର୍ତ୍ତର ମିଳନରେ ସୃଷ୍ଟି ହୋଇଥିବା ବିଶାଳ କୃଷ୍ଣବଳୟରୁ ଉଦ୍ଭବ ହୁଏ ମହାକର୍ଷଣ। ଯାହାର କବଳରୁ ମହାଜଗତର କୌଣସି ବସ୍ତୁ ଖସିଯାଇପାରେ ନାହିଁ। ଏପରିକି ଆକର୍ଷିତ ହୋଇ ଆସୁଥିବା ବହୁ ନକ୍ଷତ୍ରମାନଙ୍କର ସତ୍ତା ବି ସେଥିରେ ହୋଇଯାଏ ବିଲୀନ। ସେହି ମହାକର୍ଷଣ ତରଙ୍ଗ ସମଗ୍ର ଅନ୍ତରୀକ୍ଷରେ ପ୍ରସାରିତ ହୋଇ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିବା ପଦାର୍ଥ ବିଜ୍ଞାନୀମାନଙ୍କର ମତ। ସେହିଭଳି ଅଣୁ ସହିତ ପରମାଣୁ ଆଦି ଆକର୍ଷଣ ବଳରେ ହିଁ ପରସ୍ପରସହ ଜଡ଼ିତ। ଗୋଟିକରୁ ଅନ୍ୟଟିର ଅଲଗା କରିବାକୁ ହେଲେ ପ୍ରଚଣ୍ଡ ମହାଶକ୍ତିର ଆବଶ୍ୟକତା ପଡ଼ିଥାଏ। ଏପରି ଶକ୍ତିର ଅଧିକ ରହସ୍ୟ ଜାଣିବା ନିମନ୍ତେ ବିଜ୍ଞାନ ସଦା ତତ୍ପର।

ଜୀବଜଗତର ପ୍ରତ୍ୟେକର ପରସ୍ପର ସହିତ ଯେଉଁ ପ୍ରେମ ବା ବିଦ୍ୱେଷ ଭାବନାର ଉଦ୍ରେକ ହୋଇଥାଏ ତାହା ମଧ୍ୟ ଏହି ବଳୟର ପରିସରଭୁକ୍ତ। ପୁଣି ବିଶୁଦ୍ଧ ପ୍ରେମ ଉଦ୍ରେକରେ ବିଦ୍ୱେଷ ଅର୍ଥାତ୍ ଘୃଣା, ସ୍ୱାର୍ଥପରତା, ଲୋଭ, ଅସୂୟା ସମ୍ପୂର୍ଣ୍ଣ ଭାବେ ମନରୁ ପ୍ରଶମିତ ହୋଇଯାଏ। ତେଣୁ ବିଶ୍ୱବ୍ରହ୍ମାଣ୍ଡରେ ଥିବା ସମସ୍ତ ଜୀବଜଗତରେ ଏପରି ପ୍ରଚଣ୍ଡ ଶକ୍ତିଶାଳୀ ମହାଶକ୍ତିର ଯେଉଁ ପ୍ରଭାବ ରହିଛି ତାହା ଭାବିଲେ ବିସ୍ମୟରେ ମନ ପୁଲକିତ ହୋଇଉଠେ। ପ୍ରତ୍ୟେକ ସେହି ମହାଶକ୍ତିର ଅସ୍ତିତ୍ୱ ରହସ୍ୟକୁ ଅନୁଭବ କରୁଥିଲେ ମଧ୍ୟ ତାହା ଦୃଶ୍ୟମାନ ନୁହେଁ। ମହାତ୍ମା ଆଇନଷ୍ଟାଇନ୍ ନିଜ କନ୍ୟା ଲାଇଜେରଲଙ୍କୁ ଲେଖିଥିବା ୧୪୦୦ ଚିଠିରୁ କେତେକ ମଧ୍ୟ ଏହାରି ଉପରେ ଆଧାରିତ ଯାହାକି ହିବ୍ରୁ ବିଶ୍ୱବିଦ୍ୟାଳୟରେ ଗଚ୍ଛିତ ରହିଛି।

ସୃଷ୍ଟି ରଚନା ସମ୍ପର୍କୀୟ ଶ୍ରୀମଦ୍ଭଗବଦ୍‌ଗୀତା ନବମ ଅଧ୍ୟାୟ (ରାଜବିଦ୍ୟାରାଜଗୁହ୍ୟ ଯୋଗ)ର ଦଶମ ଶ୍ଳୋକକୁ ଏଠାରେ ଉପସ୍ଥାପିତ କରାଯାଇପାରେ।

ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍।
ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ ॥୧୦॥

ଅର୍ଥାତ୍ ହେ ଅର୍ଜୁନ, ଅଧ୍ୟକ୍ଷରୂପୀ ମୋର ଶକ୍ତି ଓ ସହାୟତାରେ ପ୍ରକୃତି ଚରାଚରସହିତ ସମସ୍ତ ଜଗତକୁ ସୃଷ୍ଟି କରେ ଏବଂ ସେହି ହେତୁ ହିଁ ସଂସାରଚକ୍ର ଘୂରି ଚାଲିଛି।

ଏହି ଅଧ୍ୟାୟର ୮ମ ଓ ୯ମ ଶ୍ଳୋକକୁ ମଧ୍ୟ ଆଲୋଚନାର ପରିସରକୁ ଅଣାଯାଇପାରେ ଯାହାର ତାତ୍ପର୍ଯ୍ୟ ହେଲା ଯେ- ଦିନେ ସମଗ୍ର ବ୍ରହ୍ମାଣ୍ଡ ଥିଲା କୃଷ୍ଣମୟ ମହାଶୂନ୍ୟ। ଯେଉଁଥିରେ ନଥିଲା ଜୀବ ବା ଜଡ଼ଜଗତର ସତ୍ତା। ପୁଣି ନଥିଲା ଜଳ ଓ ବାୟୁ। ସେହି ନାହିଁ ଭିତରେ ଥିଲା ଏକମାତ୍ର ଶକ୍ତି ମହାକର୍ଷଣ। ଯାହା ଥିଲା ଅନାସକ୍ତ, ଉଦାସୀନ ଓ କର୍ମ ବିଯୁକ୍ତ ପୁଣି ସମସ୍ତ କାରଣର କାରଣ।

ସେହି ମହାଶକ୍ତି ନିଜଠାରୁ ଉଦ୍ଭବ ପ୍ରକୃତିକୁ ସତ୍ତା ଓ ସ୍ଫୁର୍ତ୍ତି ଦେବାର ଅଧିଷ୍ଠାତା ଥିବାରୁ ଜଗତ ରଚନାର ସମସ୍ତ କ୍ରିୟା ପର୍ଯ୍ୟାୟ କ୍ରମେ ସମ୍ପନ୍ନ ହୋଇଯାଉଛି। ତେଣୁ ସମସ୍ତ ଭୂତମାନଙ୍କର ଭିନ୍ନ ଭିନ୍ନ ରୂପ ସହିତ ଜଗତର ସୃଷ୍ଟି ପ୍ରକୃତି ଦ୍ୱାରା ହିଁ ହୋଇଥାଏ। ପୁଣି ପ୍ରକୃତିକୁ ସଦା ଚଳଚଞ୍ଚଳ କରିଥାଏ ସେହି ମହାଶକ୍ତି। ତେଣୁ ତାହାରି ନିର୍ଦ୍ଦେଶରେ ହିଁ ପ୍ରକୃତି ସୃଷ୍ଟି କରିବା ସହ ଅବିରତ ଘୂରି ଚାଲିଥାଏ ଏହି ବିଶାଳ ସଂସାରଚକ୍ର।

ଏହି ମହାକର୍ଷଣ ସ୍ୱରୂପୀ ମହାଶକ୍ତିକୁ ଭାରତୀୟମାନେ ଶ୍ରୀକୃଷ୍ଣ ନାମରେ ପୂଜା କରିଆସୁଛନ୍ତି। ଆର୍ଯ୍ୟାବର୍ତ୍ତର ମୁନିଋଷିମାନଙ୍କ ବ୍ୟତୀତ ଅନ୍ୟ କାହାକୁ ଏପରି ମହାସତ୍ତାର ଆଭାସ ବି ଜଣା ନଥିଲା। ସେମାନେ ଏପରି ସତ୍ତାକୁ ଜୀବନର ଲୀଳା ସହିତ ମିଶାଇ ଆପଣାର କରିପାରିଛନ୍ତି ଓ ଏହା ହିଁ କୃଷ୍ଣତତ୍ତ୍ୱର ଗୂଢ଼ ରହସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

ବ୍ରଜ ଓ ଦ୍ୱାରକାଲୀଳାର ବର୍ଣ୍ଣନାରେ ସମାଜକୁ ଯେଉଁଭଳି ଚେତନା ଦିଆଯାଇଛି ତାହା ଅନ୍ୟତ୍ର ବିରଳ। ଦ୍ୱାରକାରେ ତାଙ୍କର ଲୀଳା ଦେଖିବା ନିମନ୍ତେ ଥରେ ଆସିଥିଲେ ଦେବରଷି ନାରଦ। ପ୍ରତିଟି ପରିବାରରେ ଶ୍ରୀକୃଷ୍ଣଙ୍କୁ ବିଦ୍ୟମାନ ଥିବାର ଦେଖି ସେ ବିସ୍ମିତ ହେବାସହ ଶତ ପ୍ରଣାମ କରି କହିଥିଲେ, " ହେ ପ୍ରଭୁ ! ତୁମେ ହିଁ ମହାଶକ୍ତି ଓ ସର୍ବତ୍ର ବିଦ୍ୟମାନ।" ପ୍ରଭୁଙ୍କର ସେପରି ଲୀଳାସବୁକୁ ନେଇ କବି ବା ଲେଖକର ଲେଖନୀ ହୋଇଥାଏ ସତତ ମୁଖରିତ। ଭାରତୀୟ ସଂସ୍କୃତି ଶ୍ରୀକୃଷ୍ଣଙ୍କ ଲୀଳା ବିନା ଅସମାପ୍ତ। ବିଜ୍ଞାନ ସମ୍ମତ ଏହି ମହାଶକ୍ତିକୁ ଭାରତୀୟ ମୁନିଋଷିମାନେ ନିଜର ସଂସ୍କୃତି ଓ ପରମ୍ପରା ସହିତ ଏଭଳି ମିଶାଇ ଦେଇଛନ୍ତି ଯେ ସେ ହେଉଛନ୍ତି ପ୍ରତ୍ୟେକଙ୍କର ଅତି ଆପଣାର। ଏପରି ମହାଶକ୍ତି କବି କଳ୍ପନାର ଯମୁନା କୂଳରେ ଗୋପିମାନଙ୍କ ସହିତ କେତେବେଳେ କ୍ରୀଡ଼ାରତ ତ ମହାଭାରତ ମହାସମରରେ ମହାକାଳ ରୂପେ କରିଚାଲନ୍ତି ମହାବିନାଶ। ସେଥିପାଇଁ ପାଣ୍ଡବମାନଙ୍କ ଆଗରେ ଭୀମ ପୌତ୍ର ବର୍ବରୀ ଭୟରେ କହି ପକାଇଥିଲେ, "ପ୍ରଭୁଙ୍କର ଏକମାତ୍ର ସୁଦର୍ଶନ ଚକ୍ର ଦୁଇ ପକ୍ଷର ଯୋଦ୍ଧା ଓ ସୈନ୍ୟମାନଙ୍କୁ ମାରି ପକାଇଛନ୍ତି।" ପୁଣି ଭକ୍ତର କଳ୍ପନାରେ ଅପୂର୍ବ ଥିଲା ତାଙ୍କର ରୂପ। କଟିରେ ପୀତାମ୍ବର, ପାଦରେ ବନ୍ଧାଥିବା ନୂପୁରର ରୁଣୁଝୁଣୁ ନାଦ, ମୃଦୁ ମଳୟ ହିଲ୍ଲୋଳରେ ହଲିଯାଉଥିବା ଗଭା ଖୋସିତ ବାଙ୍କ ମୟୂର ଚୂଳ, ଆଉ ହାତରେ ଧରି ବଜାଉଥିବା ମୋହନ ମୁରଲୀର ଅପୂର୍ବ ନାଦ ଯେତିକି ଆକର୍ଷଣୀୟ ମହାଭାରତ ମହାସମରର ପାର୍ଥସାରଥୀ ରୂପ ସେତିକି ଭୟଙ୍କର। ରୂପ କଳ୍ପନାରେ ପ୍ରତ୍ୟେକଟିର ଅଛି ବିଜ୍ଞାନ ସମ୍ମତ କାରଣ।

ସେହି ମହାଶକ୍ତିଙ୍କୁ ମୁଁ ବାରଂବାର ପ୍ରଣାମ କରୁଛି। ଯିଏ ବିଚାରରେ ଯେପରି ନାସ୍ତିକ ହେଲେ ମଧ୍ୟ ତାଙ୍କ ଆକର୍ଷଣ ଶକ୍ତି ସମ୍ମୁଖରେ ନତମସ୍ତକ ହେବାକୁ ପଡ଼ିବ। ତେଣୁ ହେ ମହାପ୍ରଭୁ ! ତୁମେ ହିଁ ସ୍ରଷ୍ଟା ଓ ସୃଷ୍ଟି। ପୁଣି ଦୃଷ୍ଟି, ଦ୍ରଷ୍ଟା ଓ ଦୃଶ୍ୟ। ଆଉ ଭକ୍ତ କଳ୍ପନାର ସର୍ବଶକ୍ତିମାନ, ସର୍ବାଧାର, ସର୍ବଜ୍ଞ, ସର୍ବାନ୍ତର୍ଯ୍ୟାମୀ, ସର୍ବବ୍ୟାପୀ, ସର୍ବେଶ୍ୱର ତଥା ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଆଦିର ଅନନ୍ତ ମହାସାଗର।

# ଓଡ଼ିଆ ସ୍ୱାଭିମାନର ମନ୍ତ୍ରଦାତା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ପାଠ ପଢିବି, ଓକିଲ ହେବି, ମଧୁବାବୁ ସଙ୍ଗେ ଲଢିବ-କାଳିଆ ଘୋଡାରେ ଚଢିବି। କାହିଁ କେଉଁ କାଳରୁ ଓଡିଶାର ଘରେ ଘରେ ଏହି କଥାଟି ଚଳିଆସୁଛି। ଛୋଟପିଲାମାନେ ପଢିବାକୁ ଅମଙ୍ଗ ହେଲେ ମା' ତାକୁ ଉତ୍କଳ ଗୌରବ ମଧୁସୂଦନଙ୍କ କଥା କହି ବୁଝାଇ ଦେଇଥାଏ । ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକାଠି କରି ବ୍ରିଟିଶ ସରକାରଙ୍କ ପାଖରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିଆରେ ଆଜିର ଓଡିଶା ପ୍ରଦେଶକୁ ଗଠନ କରିବାରେ ଯେଉଁ ସ୍ୱାଭିମାନୀ ପୁରୁଷ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେ ହେଉଛନ୍ତି ଜାତି ପ୍ରାଣ, ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସ, ସବୁରି ପ୍ରିୟ ମଧୁବାରିଷ୍ଟର-ମଧୁବାବୁ । ଜାତିପ୍ରାଣରେ ଭରିଥିଲେ ସେ ସ୍ୱାଭିମାନର ମନ୍ତ୍ର, ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତା ଭାବ। ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କ ଧରାବତରଣ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ। ହେଲେ ସାମଗ୍ରିକ ଭାବେ ତାଙ୍କର ଅବଦାନକୁ ଓଡିଶାବାସୀ ସବୁଦିନେ ମନେ ରଖିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର । ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ । ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ। ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ମଧ୍ୟରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ। ଏହି ସମ୍ମିଳନୀର ନିରବଚ୍ଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡି ଗଲେ ତାର ଦୁଇବର୍ଷ ପୂର୍ବରୁ ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ ।

ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କ ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ। ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ। ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ। ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ। ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ। କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ। ସେ ସର୍ବଦା କହୁଥିଲେ - ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି । ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଉଟ୍ ଏସବୁ କରିପାରିଲା, ତାହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି ତାହେଲେ ସେମାନେ ଏଦିଗରେ ବହୁତ କାର୍ଯ୍ୟ କରିପାରିବେ।

ମଧୁ ବାରିଷ୍ଟର - ଏକ ମଧୁର ଉଚ୍ଚାରଣ। ପାଠପଢାରୁ ଓକିଲାତି। ସବୁଥିଲେ ତାଙ୍କର ଅନନ୍ୟ ପରିଚୟ। ଓକିଲାତି ତାଙ୍କ ଜୀବନ ଥିଲା। ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ। ମାତ୍ର ସ୍ୱଳ୍ପସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୬ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବାରେ ସଫଳ ହୋଇଥିଲେ ସେ। ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି। ଖାଲି ସେତିକି ନୁହେଁ ତାଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ ।

ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପଉଦ୍ୟୋଗୀ। ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟ୍ୟାନେରୀ'ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧି କହିଥିଲେ - "ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ"। ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଅନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲେ। ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ। ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳ ସେତିକି ନୁହେଁ ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ। ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢୀ, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କ ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତାପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ।

ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ । ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ। ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ - "ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି। ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ । ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ" । ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ - ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର। ଏଭଳି ଚିନ୍ତା-ଚେତନାର ନେତା ଆଜିର ଦୁନିଆରେ ବିରଳ । ଖାଲି ସେତିକି ନୁହେଁ ସେ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ। ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି । ସେଥିପାଇଁ ସେ ଲେଖିଥିଲେ -

"ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତିପ୍ରାଣ ଧାର
ସେ ଧାରାରୁ ନୀର ପିଇଛି
ଯେ ନର ନିଶ୍ଚେ ହେବ ସେ
ଜାତି କର୍ମବୀର ।"

ଓଡ଼ିଆ ଜାତିର ଏହି ମୁକୁଟ ବିହୀନ ସମ୍ରାଟ ଆଜି ଆମ ଗହଣରେ ନାହାଁନ୍ତି । ତାଙ୍କ ୯୨ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଅନେକ କଥା ମନେପଡୁଛି। ଓଡ଼ିଶା ପାଇଁ, ଓଡ଼ିଆ ଜାତି ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଆଜି ନେତା ଅଛନ୍ତି, ହେଲେ ସେଭଳି ନେତୃତ୍ୱ ନାହିଁ । ଓଡ଼ିଆ ଜାତିକୁ ମୁହ୍ୟମାନ ନିଦ୍ରାରୁ ଉଠାଇବା ପାଇଁ, ଓଡ଼ିଆ ଜାତିର ପ୍ରାଣ ସଞ୍ଚାରକ ମଧୁବାବୁଙ୍କ ପରି ନେତୃତ୍ୱର ଅବଶ୍ୟକତା ଅଛି। ଜୀବନ ଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ ସେ ଏ ଦେଶ ଓ ଜାତିକଥା ଚିନ୍ତା କରୁଥିଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଡେନମାର୍କ ବିଶ୍ୱବିଦ୍ୟାଳୟର ଗବେଷଣା
## ‘ଦୁଇ ସପ୍ତାହ ଗୋଡ଼ ଚଳପ୍ରଚଳ ନକଲେ, ଗୋଡ଼ର ଶକ୍ତି ୧୦ ବର୍ଷ କମିଯାଏ’

ବୟସ୍କ ବ୍ୟକ୍ତିଙ୍କ ପାଇଁ ଆତ୍ମବିଶ୍ୱାସ ମସ୍ତିଷ୍କରେ ନୁହେଁ ବରଂ ଗୋଡ଼ରେ ଥାଏ। ବୟସ ବଢ଼ିବା ସହିତ ଆପଣ ସର୍ବଦା ନିଜର ପାଦ ଏବଂ ଗୋଡ଼କୁ ଶକ୍ତିଶାଳୀ ରଖିବା ଉଚିତ। ବୟସ ବଢ଼ିଲେ ଧଳା କେଶ, ଢିଲା ଚର୍ମ କିମ୍ବା କୁଞ୍ଚିତ ଚେହେରା ପାଇଁ ଚିନ୍ତା କରନ୍ତୁ ନାହିଁ। ବରଂ ନିଜ ଗୋଡ଼ର ଭଲ ଭାବରେ ଯତ୍ନ ନିଅନ୍ତୁ। ‘ଆମେରିକାନ ଜର୍ଣ୍ଣାଲ ଅଫ୍ ପ୍ରିଭେଣ୍ଟିଭ୍ ମେଡିସିନ୍’ ଅନୁଯାୟୀ, ଗୋଡ଼ର ମାଂସପେଶୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଦୀର୍ଘାୟୁ ହେବାର ଏକ ସଙ୍କେତ। ଦୁଇ ସପ୍ତାହ ପର୍ଯ୍ୟନ୍ତ ଗୋଡ଼ ନିଷ୍କ୍ରିୟ ରହିଲେ, ଏହାର ଶକ୍ତି ୧୦ ବର୍ଷ ପର୍ଯ୍ୟନ୍ତ କମିଯାଏ। ଗବେଷଣାରୁ ଜଣାପଡିଛି ଯେ, ଯେକୌଣସି ବୟସର ବ୍ୟକ୍ତି ଯଦି ଦୁଇ ସପ୍ତାହ ଅଚଳ ହୋଇ ରହନ୍ତି, ତେବେ ସେମାନଙ୍କ ଗୋଡ଼ର ଏକ-ଚତୁର୍ଥାଂଶ ଶକ୍ତି ହ୍ରାସ ପାଏ, ଯାହା ୨୦ ରୁ ୩୦ ବର୍ଷ ବୟସ ବଢ଼ିଯିବା ସହିତ ସମାନ। ଯଦି ଗୋଡ଼ର ମାଂସପେଶୀ ଦୁର୍ବଳ ହୋଇଯାଏ, ତେବେ ପୁନର୍ବାର ଶକ୍ତି ଫେରି ପାଇବା ପାଇଁ ଫିଜିଓଥେରାପି ବା ବ୍ୟାୟାମକୁ ମଧ୍ୟ ବହୁତ ସମୟ ଲାଗିଥାଏ। ନିୟମିତ ବ୍ୟାୟାମ, ଯେପରିକି ଚାଲିବା, ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ସମସ୍ତ ଓଜନ ଗୋଡ଼ ଉପରେ ହିଁ ରହିଥାଏ। ଶରୀରର ଓଜନ ସମ୍ଭାଳିବା ପାଇଁ ପାଦ ବ୍ୟବହୃତ ହୁଏ। ଜଣେ ବ୍ୟକ୍ତିର ଓଜନର ୫୦% ହାଡ଼ରେ ଥାଏ ଏବଂ ଶରୀରର ୫୦% ହାଡ଼ କେବଳ ଗୋଡ଼ରେ ଥାଏ। ଶରୀରର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ଗଣ୍ଠି ଓ ହାଡ଼ ଗୋଡ଼ରେ ଥାଏ। ଶକ୍ତିଶାଳୀ ହାଡ଼, ମାଂସପେଶୀ ଏବଂ ନମନୀୟ ଗଣ୍ଠି ଏକ ‘ଲୌହ ତ୍ରିଭୁଜ’ ଗଠନ କରନ୍ତି ଯାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଭାର ବହନ କରେ। ଆପଣଙ୍କ ଶରୀରର ସକ୍ରିୟ ଶକ୍ତିର ୭୦% ପାଦ ଦ୍ୱାରା ଖର୍ଚ୍ଚ ହୋଇଥାଏ। ଯୁବାବସ୍ଥାରେ ଆପଣଙ୍କ ଜଂଘ ମାଂସପେଶୀ ଏତେ ଶକ୍ତିଶାଳୀ ଥାଏ ଯେ ଏହା ଏକ କାରକୁ ମଧ୍ୟ ଉଠାଇ ପାରିବ। ଗୋଡ଼ ଏବଂ ପାଦ ହେଉଛି ଶରୀରର ‘ଗତିଶୀଳ କେନ୍ଦ୍ର’। ଶରୀରର ୫୦% ସ୍ନାୟୁ, ୫୦% ରକ୍ତ ନଳୀ ଏବଂ ୫୦% ରକ୍ତ ପ୍ରବାହ ଗୋଡ଼ ଦ୍ୱାରା ହିଁ ପରିଚାଳିତ ହୁଏ। ଏକ ବିଶାଳ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଗୋଡ଼କୁ ସମ୍ପୂର୍ଣ୍ଣ ଶରୀର ସହିତ ଯୋଡ଼ିଥାଏ। ଯେଉଁମାନଙ୍କର ପାଦ ଓ ଗୋଡ଼ ସୁସ୍ଥ, ସେମାନଙ୍କର ରକ୍ତ ସଞ୍ଚାଳନ ସ୍ୱାଭାବିକ ରହେ। ଯାହାର ଗୋଡ଼ର ମାଂସପେଶୀ ଶକ୍ତିଶାଳୀ, ତାଙ୍କର ହୃଦୟ ମଧ୍ୟ ଶକ୍ତିଶାଳୀ। ମଣିଷର ବାର୍ଦ୍ଧକ୍ୟ ପାଦରୁ ଆରମ୍ଭ ହୋଇ ଉପରକୁ ଗତି କରିଥାଏ। ବୟସ ବଢ଼ିବା ସହିତ, ମସ୍ତିଷ୍କରୁ ଗୋଡ଼କୁ ଯାଉଥିବା ନିର୍ଦ୍ଦେଶଗୁଡ଼ିକ ଯୁବାବସ୍ଥା ତୁଳନାରେ କମ୍ ସଠିକ୍ ଏବଂ ମନ୍ଥର ହୋଇଯାଏ। ବୟସ ବଢ଼ିବା ସହିତ ହାଡ଼ରୁ କ୍ୟାଲସିୟମ୍ କମିବାକୁ ଲାଗେ, ତେଣୁ ବୟସ୍କ ବ୍ୟକ୍ତିମାନେ ଶୀଘ୍ର ହାଡ଼ ଭାଙ୍ଗିବା ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ବୟସ୍କ ବ୍ୟକ୍ତିଙ୍କ ହାଡ଼ ଭାଙ୍ଗିଲେ ଅନ୍ୟାନ୍ୟ ଜଟିଳତା ସୃଷ୍ଟି ହୁଏ, ବିଶେଷ କରି ମସ୍ତିଷ୍କର ରକ୍ତ ଜମାଟ ବାନ୍ଧିବା ଭଳି ମାରାତ୍ମକ ରୋଗ ହୋଇପାରେ। ପରିସଂଖ୍ୟାନ ଅନୁଯାୟୀ, ୧୫% ବୟସ୍କ ବ୍ୟକ୍ତି ଜଂଘ ହାଡ଼ ଭାଙ୍ଗିବାର ଏକ ବର୍ଷ ମଧ୍ୟରେ ମୃତ୍ୟୁବରଣ କରନ୍ତି। ୨୩ ଜଣ ୬୦ ବର୍ଷର ବ୍ୟକ୍ତିଙ୍କ ପାଇଁ ମଧ୍ୟ ଗୋଡ଼ର ବ୍ୟାୟାମ ଆରମ୍ଭ କରିବା ବିଳମ୍ବ ହୋଇନାହିଁ। ସମୟ ସହିତ ଗୋଡ଼ ଏବଂ ପାଦ ବୁଢ଼ା ହୋଇପାରେ, କିନ୍ତୁ ସେଗୁଡ଼ିକର ବ୍ୟାୟାମ କରିବା ଏକ ଆଜୀବନ ମିଶନ ହେବା ଉଚିତ। ଦୟାକରି ଏହି ସୂଚନା ଆପଣଙ୍କର ସମସ୍ତ ପୁରାତନ ସହପାଠୀ, ସହକର୍ମୀ, ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ପଠାନ୍ତୁ।

# ଚା’ରେ ଚିନି କମାଇବାର ଲାଭ

ଦୈନନ୍ଦିନ ଚା’ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ୍ୟ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ।

ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା’ ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା’, କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ। କମ୍ ଚିନି ସେବନ ମଧ୍ୟ ବ୍ରଣ ଓ ଚର୍ମ ପ୍ରଦାହରେ ଉନ୍ନତି ସହ ଜଡ଼ିତ। ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ସ୍ତରରେ ହୃତ୍‌ପିଣ୍ଡ ଓ ଯକୃତ ମଧ୍ୟ ଲାଭବାନ ହେବେ। ଚିନି କମ୍ କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ହେବା ସହ ଫ୍ୟାଟି ଲିଭର୍ ଆଶଙ୍କା ମଧ୍ୟ କମିଥାଏ। ସର୍ବୋପରି ଥରେ ବିନା ଚିନିରେ ଚା’ ପିଇବାରେ ଅଭ୍ୟସ୍ତ ହୋଇଗଲେ, ଆଉ ପଛକୁ ଫେରିବା ଦରକାର ପଡ଼େନି।

# ସୁଭାଷିତ- ରେ ମୂଢ଼ମତି ! ଭଜ ଗୋବିନ୍ଦ, ଗୋବିନ୍ଦ ଭଜ



‘ମୋହମୁଦ୍ ଗରଃ’ ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତ ଏକ ସୁପ୍ରସିଦ୍ଧ ସଂସ୍କୃତ ରଚନା। ଏଥିରେ ଗୋବିନ୍ଦଙ୍କୁ ଭଜନ ନ କରୁଥିବା ମନୁଷ୍ୟମାନଙ୍କୁ ମୂଢ଼ମତି ବୋଲି କୁହାଯାଇ, ଗୋବିନ୍ଦଙ୍କୁ ଭଜନ କରିବା ପାଇଁ କୁହାଯାଇଛି।

‘ମୋହମୁଦ୍ ଗରଃ’ ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତ ଏକ ସୁପ୍ରସିଦ୍ଧ ସଂସ୍କୃତ ରଚନା। ଏଥିରେ ଗୋବିନ୍ଦଙ୍କୁ ଭଜନ ନ କରୁଥିବା ମନୁଷ୍ୟମାନଙ୍କୁ ମୂଢ଼ମତି ବୋଲି କୁହାଯାଇ, ଗୋବିନ୍ଦଙ୍କୁ ଭଜନ କରିବା ପାଇଁ କୁହାଯାଇଛି। ଉପରୋକ୍ତ ସୁଭାଷିତ,୨୦ଟି ଶ୍ଳୋକ ବିଶିଷ୍ଟ ସେହି ‘ମୋହମୁଦ୍ ଗରଃ’ର ଅଷ୍ଟମ ଶ୍ଳୋକ। ଭଗବାନ ବିଷ୍ଣୁଙ୍କର ଫାଲଗୁନ ମାସର ନାମ ‘ଗୋବିନ୍ଦ’। ଏହା ‘ବିଷ୍ଣୁ ସହସ୍ର ନାମର ୨୦ତମ ଶ୍ଳୋକର ଅନ୍ତର୍ଗତ ଏବଂ ୧୮୭ତମ ନାମ। ଏହି ନାମର ତାତ୍ପର୍ଯ୍ୟ ସଂପର୍କରେ ସ୍ୱାମୀ ଚିନ୍ମୟାନନ୍ଦ କହିଛନ୍ତି– ‘ଗୋ’ ଶବ୍ଦର ଚାରିଟି ଅର୍ଥ ରହିଛି। ତାହା ହେଉଛି ଧରିତ୍ରୀ, ଗାଇ, ବୀଣା ଓ ବେଦ। ଯେଉଁପରି ଧରିତ୍ରୀ ସମସ୍ତଙ୍କର ଆଶ୍ରୟଦାତା, ଠିକ୍ ସେହିପରି, ପ୍ରାଣୀର ଅନ୍ତର୍ନିହିତ ସତ୍ତାର ଆଶ୍ରୟଦାତ୍ରୀ ହେଉଛନ୍ତି ବିଷ୍ଣୁ। ସେହିପରି, ଯିଏ ଗୋରକ୍ଷକ ଏବଂ ଗୋକୁଳରେ ଗୋପାଳର ଭୂମିକା ନିର୍ବାହ କରିଛନ୍ତି, ସେ ମଧ୍ୟ ମନୁଷ୍ୟ ହୃଦୟରେ ପଶୁ ପ୍ରବୃତ୍ତିର ନିୟନ୍ତ୍ରକ। ସେହି ଈଶ୍ୱର, ଯାହାଙ୍କ ବିନା କଣ୍ଠରୁ ବାଣୀର ସ୍ଫୁରଣ ହୋଇପାରେନା– ସେ ହିଁ ସକଳ ଜୀବର ଜୀବନ। ସେ ହିଁ ସର୍ବୋତ୍ତମ ବାଣୀ ଓ ଶବ୍ଦର ରଚୟିତା। ‘ମୋହମୁଦ୍ ଗରଃ’ର ଉପରୋକ୍ତ ସୁଭାଷିତରେ ଆଦି ଶଙ୍କରାଚାର୍ଯ୍ୟ କହିଛନ୍ତି– ଦିନ, ରାତି, ସନ୍ଧ୍ୟା ଓ ପ୍ରଭାତ, ଏ ସବୁ ଠିକ୍ ? ସମୟରେ ଆସୁଛନ୍ତି। ଶିଶିର ଓ ବସନ୍ତ ଆଦି ଋତୁମାନେ ଯାଉଛନ୍ତି ପୁଣି ଆସୁଛନ୍ତି। କାଳ ଏହିପରି ଭାବରେ କ୍ରୀଡ଼ା କରୁଛି। ମନୁଷ୍ୟର ଆୟୁ, ପ୍ରତିଦିନ କ୍ଷୟ ହେଉଛି। ତଥାପି ତା’ର ଆଶା ଓ କାମନାର ପ୍ରବାହ କ୍ଷୀଣ ହେଉନାହିଁ। ଏଣୁ ହେ ମୂଢ଼ମତି ମନୁଷ୍ୟ ! ଗୋବିନ୍ଦଙ୍କୁ ଭଜନ କର।

# ପାଦରେ ଲୁଚି ରହିଛି ରୋଗର ରହସ୍ୟ



ଆଖି, ମସ୍ତିଷ୍କ, କାନ, ଥାଇରଏଡ୍, ପେଟ, ଫୁସଫୁସ, ଅଗ୍ନାଶୟ, ହାଡ଼-ବୃକକ୍, ଅନ୍ତନଳୀ ସମସ୍ତ ତଳିପାଦ ସହିତ ସଂଯୁକ୍ତ । ଏହାର ଅର୍ଥ ହେଉଛି ତଳିପାଦରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ତଳିପାଦ ଦେଖି ରୋଗ ବିଷୟରେ ଅନୁମାନ କରାଯାଇ ପାରିବ । ପାଦ ତଳ ଅଂଶରେ ବିଭିନ୍ନ ଅଙ୍ଗର ଆକ୍ୟୁପ୍ରେସର ପଏଣ୍ଟ ଅଛି। ପାଦ ତଳ ଅଂଶରେ ଏକ ଘନ ରବର ବ୍ୟାଣ୍ଡ ସହିତ ଏହା ଏକ ନମନୀୟ ଗଠନ। ଯାହା ଚାଲିବା କିମ୍ବା ଦୌଡ଼ିବା ସମୟରେ ଶରୀରର ଚାପ ବହନ କରିଥାଏ । ଚାପ ବୃଦ୍ଧି ପାଇଲେ କିମ୍ବା ଫୁଲିଗଲେ, ପାଦ ତଳ ଅଂଶରେ ପ୍ରବଳ ଯନ୍ତ୍ରଣା ଅନୁଭବ ହୁଏ ।

ଅଧିକ ୟୁରିକ୍ ଏସିଡ୍, ମଧୁମେହ, ହାଇପୋଥାଇରଏଡ, ମେଦବହୁଳତା କିମ୍ବା ଯେକୌଣସି ପ୍ରକାରର ଫ୍ରାକ୍ଚର ଥିବା ଲୋକମାନେ ମଧ୍ୟ ଏହି ଯନ୍ତ୍ରଣାରେ ପୀଡିତ ହୁଅନ୍ତି। ଏହା ବ୍ୟତୀତ, କେତେକ ସମୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ସମାନ ସ୍ଥିତିରେ ବସିବା କିମ୍ବା ଗୋଡ ଝୁଲାଇ ରଖିବା ମଧ୍ୟ ସେମାନଙ୍କୁ ମୂର୍ଚ୍ଛା କରିଦିଏ। ଏହା ସ୍ନାୟୁ ଦୁର୍ବଳତା ହେତୁ ହୋଇପାରେ। ଯାହା ଫଳରେ ଶରୀରର ଯେଉଁ ଅଂଶରେ ରକ୍ତ ଯୋଗାଣ କମିଯାଏ ତାହା ମୂର୍ଚ୍ଛା ହୋଇଯାଏ । କିନ୍ତୁ ଯଦି ଏହା ବାରମ୍ବାର ଘଟୁଛି, ତେବେ ଏହା ଶରୀରରେ ଆଇରନର ଅଭାବର ସଙ୍କେତ ମଧ୍ୟ ହୋଇପାରେ। ଭାରତରେ ପ୍ରାୟ ୩୫ ପ୍ରତିଶତ ରୋଗରେ ପୀଡିତ। ଏଥିମଧ୍ୟରୁ ୧୦ ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କର ହାଇପୋଥାଇରଏଡିଜମ୍ ଅଛି । ୩ ଜଣ ମଧୁମେହ ରୋଗୀଙ୍କ ମଧ୍ୟରୁ ଜଣଙ୍କର ଥାଇରଏଡ୍ ସମସ୍ୟା ଅଛି । ୨୩ ପ୍ରତିଶତ ଭାରତୀୟ ମେଦବହୁଳ ଏବଂ ୪୦ ପ୍ରତିଶତ ଲୋକଙ୍କ ପେଟରେ ଅଧିକ ଚର୍ବି ଜମା ହୋଇଛି। ଖରାପ ଜୀବନଶୈଳୀ ଯୋଗୁଁ ରକ୍ତଚାପ, ସୁଗାର, ଉଚ୍ଚ କୋଲେଷ୍ଟ୍ରଲ୍, ଥାଇରଏଡ୍, ଫୁସଫୁସ ସମସ୍ୟା, ନିଦ୍ରାହୀନତା, ଗଣ୍ଠି ଯନ୍ତ୍ରଣା ଏବଂ ଅଭାବ ଜନିତ ସମସ୍ୟା ସୃଷ୍ଟି କରୁଛି ।

ପ୍ରତିଦିନ ଯୋଗ ଅଭ୍ୟାସ କରିବା ଦ୍ୱାରା ରୋଗର ଆଶଙ୍କା ବହୁତ କମ୍ ହୋଇପାରେ। ଯୋଗ ଶକ୍ତି ବୃଦ୍ଧି କରିବ, ରକ୍ତଚାପ ନିୟନ୍ତ୍ରଣ କରିବ, ଓଜନ ନିୟନ୍ତ୍ରଣ କରିବ, ଶର୍କରା ନିୟନ୍ତ୍ରଣ କରିବ, ନିଦ ଉନ୍ନତ କରିବ ଏବଂ ମନୋଭାବ ଉନ୍ନତ କରିବ।

# ଋତୁ ପରିବର୍ତ୍ତନ ସମୟରେ ହୋଇଥାଏ ଆଖିଧରା ରୋଗ

ଆଖିଧରା ଏକ ଭୂତାଣୁ ଓ ଜୀବାଣୁ ଜନିତ ରୋଗ। ଶୀତ ଋତୁ ବ୍ୟତୀତ ଖରା ଓ ବର୍ଷା ଦିନରେ ଏହି ରୋଗ ଦେଖାଯାଇଥାଏ। ପ୍ରଥମେ ଗୋଟେ ଆଖି ସଂକ୍ରମିତ ହେବା ପରେ ଦ୍ୱିତୀୟ ଆଖି ମଧ୍ୟ ସଂକ୍ରମିତ ହୋଇଥାଏ। ରୋଗୀର ଆଖିକୁ ଦେଖିବା ଦ୍ୱାରା ଆଖିଧରା ରୋଗ ବ୍ୟାପି ନ ଥାଏ। ଏଡିନୋ ଭୂତାଣୁ ଏହି ରୋଗର କାରଣ। ଏହା ୭ରୁ ୮ ଦିନ ଭିତରେ ଭଲ ହୋଇଯାଏ।

ଆଖି ଧରିଲେ ପରିଷ୍କାର ଉଷୁମ ପାଣିରେ ଆଖି ପୋଛନ୍ତୁ। ଡାକ୍ତରଙ୍କ ପରାମର୍ଶ ବିନା ଆଖିରେ କୌଣସି ଔଷଧ ପକାନ୍ତୁ ନାହିଁ। ଚଷମା ପିନ୍ଧୁଥିଲେ, ନିୟମିତ ସଫା କରନ୍ତୁ। ଆଖିଧରାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ରୁମାଲ, ତଉଲିଆ ବ୍ୟବହାର କରନ୍ତୁ ନାହିଁ।

ଆଖିଧରା ରୋଗ ହେଲେ ଆଖି ଲାଲ୍ ପଡ଼ିବା ସହ ଆଖି ଭିତରେ କୁଣ୍ଡେଇ ହୁଏ, ଆଖିରୁ ପାଣି ବୋହିବା ସହ ଲେଞ୍ଜରା ବାହାରେ। ଆଖିଧରା ରୋଗ ଉଭୟ ଭୂତାଣୁ ଓ ଜୀବାଣୁଜନିତ। ଭୂତାଣୁଜନିତ ଆଖିଧରାରେ ଆଖି ଲାଲ୍ ପଡ଼ିବା ସହ ଲୁହ ବାହାରିଥାଏ। କିନ୍ତୁ ଜୀବାଣୁଜନିତ ଆଖିଧରାରେ ଆଖିରୁ ପ୍ରଚୁର ପରିମାଣର ଲେଞ୍ଜରା ବାହାରିଥାଏ, ଆଖି ଲାଖିଯାଏ। ମୁଖ୍ୟତଃ ସଂକ୍ରମିତ ରୋଗୀର ଲୁହ ଓ ଲେଞ୍ଜରା ଜରିଆରେ ଆଖିଧରା ରୋଗ ସଂକ୍ରମିତ ହୋଇଥାଏ। ତେଣୁ ଆଖିଧରା ହୋଇଥିଲେ ରୋଗୀ ନିଜ ଆଖିଠାରୁ ହାତକୁ ଦୂରେଇ ରଖିବା ସହ ବାରମ୍ବାର ହାତ ଧୁଅନ୍ତୁ।

ଆଖି ଧରିବା ଫଳରେ ଅନ୍ୟ କେଉଁ ରୋଗ ହେବାର ଡର ରହିଛି ?

ଆଖି ଧରିବା ଫଳରେ ସିଧାସଳଖ କୌଣସି ରୋଗ ହୁଏ ନାହିଁ। ଯଦି ଆଖିରେ କିଛି ଆଘାତ ଲାଗିଯାଏ ତେବେ ଏହା ଅଧିକ ସଂକ୍ରମିତ ହୋଇଯାଏ। ତେଣୁ ସେଥିପ୍ରତି ସାବଧାନ ରହିବା ଉଚିତ।

ଘରୋଇ ଉପଚାରରେ କେବଳ ଆଖିକୁ ପରିଷ୍କାର କରିବା ଉଚିତ। ହଳଦୀ ପାଣିରେ ପୋଛିବା ସବୁବେଳେ ଠିକ୍ ହୋଇ ନଥିବାରୁ ଆମେ ଏହାକୁ ବାରଣ କରୁ। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ବ୍ୟବହାର କରିବା ଉଚିତ।

# ସାବଧାନ ! ଆପଣଙ୍କ ଘର ଆପଣଙ୍କ ପିଲାର ପ୍ରଗତିରେ ବାଧା ସୃଷ୍ଟି କରୁଛି କି ? ଗବେଷଣା କ’ଣ କହେ ଜାଣିବା



ଆପଣଙ୍କ ପିଲାର ଶିକ୍ଷାରେ ସଫଳତା କେବଳ ଶ୍ରେଣୀଗୃହରେ ଧ୍ୟାନ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଗବେଷଣାରୁ ଜଣାପଡ଼ିଛି ଯେ ପିଲା ଯେଉଁ ଘରେ ରହେ ତାହା ସିଧାସଳଖ ତାଙ୍କ ପାଠପଢ଼ା ଏବଂ ପରୀକ୍ଷା ଫଳାଫଳକୁ ପ୍ରଭାବିତ କରେ। ଅଧିକ ଭିଡ଼,ଆର୍ଦ୍ରତା ଏବଂ ଅନୁପଯୁକ୍ତ ଗରମ ପିଲାମାନଙ୍କ ସ୍ୱାସ୍ଥ୍ୟ ସହିତ ସେମାନଙ୍କ ଶିକ୍ଷାଗତ ଋତୁକୁ ମଧ୍ୟ ପ୍ରଭାବିତ କରେ। ଆସନ୍ତୁ ଦେଖିବା ଗବେଷଣା କ’ଣ ପାଇଛି।

ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲ୍ଥରେ ପ୍ରକାଶିତ ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଘର ପରିବେଶରେ ରହୁଥିବା ପିଲାମାନଙ୍କଠାରେ ସ୍କୁଲରେ ଅନୁପସ୍ଥିତି ଏବଂ ନିମ୍ନ ମାର୍କର ହାର ଅଧିକ ଥାଏ, ବିଶେଷକରି ଇଂରାଜୀ ଏବଂ ଗଣିତ ଭଳି ପ୍ରମୁଖ ବିଷୟଗୁଡ଼ିକରେ। ଗବେଷକଙ୍କ ଅନୁଯାୟୀ, ଭଲ ଘରଗୁଡ଼ିକ କେବଳ ପିଲାମାନଙ୍କୁ ରୋଗରୁ ରକ୍ଷା କରେ ନାହିଁ ବରଂ ସେମାନଙ୍କର ଶୈକ୍ଷିକ ପ୍ରଦର୍ଶନକୁ ମଧ୍ୟ ଉନ୍ନତ କରେ। ଅଧ୍ୟୟନରୁ ଜଣାପଡିଛି ଯେ ଇଂଲଣ୍ଡରେ ଖରାପ ଘର ପରିବେଶରେ ରହୁଥିବା ପିଲାମାନେ ହାରାହାରି ୧୫ ଦିନ ଅଧିକ ସ୍କୁଲ ଛାଡ଼ିଛନ୍ତି। ଏହି ପିଲାମାନଙ୍କର ପରୀକ୍ଷା ସ୍କୋର ମଧ୍ୟ ସେମାନଙ୍କ ସାଥୀମାନଙ୍କ ତୁଳନାରେ କମ୍ ଥିଲା।

ଏକ ଭଲ ଘର କେବଳ ଏକ ନୂତନ ଘର ନୁହେଁ। ଏଥିରେ ଭିଡ଼ ହ୍ରାସ, ଆର୍ଦ୍ରତା ଏବଂ ଆର୍ଦ୍ରତାରୁ ମୁକ୍ତି, ଉପଯୁକ୍ତ ଗରମ ବ୍ୟବସ୍ଥା ଏବଂ ଏକ ବାସଯୋଗ୍ୟ ପରିବେଶ ମଧ୍ୟ ଅନ୍ତର୍ଭୁକ୍ତ। ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ ଇଂଲଣ୍ଡର ପ୍ରତି ସାତ ପରିବାରରେ ଗୋଟିଏ ଏପରି ଘରେ ବାସ କରେ ଯାହା ସରକାରଙ୍କ ଡିସେଣ୍ଟ ହୋମ୍ସ ମାନଦଣ୍ଡ ପୂରଣ କରେ ନାହିଁ। ଏହି ଅଧ୍ୟୟନ ପାଇଁ, ବୈଜ୍ଞାନିକମାନେ ମିଲେନିୟମ କୋହୋର୍ଟ ଅଧ୍ୟୟନରୁ ତଥ୍ୟ ବିଶ୍ଳେଷଣ କରିଥିଲେ, ଯେଉଁଥିରେ ୨୦୦୦ ରୁ ୨୦୦୨ ମଧ୍ୟରେ ଜନ୍ମ ହୋଇଥିବା ୮୯୯୨ ଶିଶୁ ସାମିଲ ଥିଲେ। ସାତ ବର୍ଷ ବୟସରେ ସେମାନଙ୍କ ଘରର ଅବସ୍ଥା ଛଅଟି ପାରାମିଟର ଉପରେ ମୂଲ୍ୟାଙ୍କନ କରାଯାଇଥିଲା, ଯେଉଁଥିରେ ଘରର ପ୍ରକାର, ମହଲା ସ୍ତର, ବଗିଚାର ଉପଲବ୍ଧତା, ଆର୍ଦ୍ରତା, ଗରମ ଅବସ୍ଥା ଏବଂ ଭିଡ଼ ଅନ୍ତର୍ଭୁକ୍ତ ଥିଲା।

ଜାତୀୟ ଛାତ୍ର ଡାଟାବେସ୍‌ରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ ସେମାନଙ୍କ ଘରେ ଖରାପ ପରିସ୍ଥିତି ଥିବା ପିଲାମାନେ ପ୍ରତିବର୍ଷ ହାରାହାରି ପ୍ରାୟ ଦେଢ଼ ଦିନ ଅଧିକ ସ୍କୁଲ୍ ଛାଡ଼ିଥାନ୍ତି। ୧୧ ବର୍ଷର ବାଧ୍ୟତାମୂଳକ ଶିକ୍ଷା ସମୟରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଏ। ଏହା ବ୍ୟତୀତ, ଏହି ପିଲାମାନଙ୍କର ଗଣିତ ଏବଂ ଇଂରାଜୀ ଗ୍ରେଡ୍ ୨ ରୁ ୫ ପ୍ରତିଶତ କମ୍ ଥିବା ଜଣାପଡ଼ିଛି। ଗବେଷକମାନେ କହିଛନ୍ତି ଯେ ଶବ୍ଦ, ପାଠପଢ଼ା ସ୍ଥାନର ଅଭାବ, ନିଦ୍ରାର ଅଭାବ ଏବଂ ଭିଡ଼ ଘରେ ଦାୟିତ୍ୱର ବୋଝ ପିଲାମାନଙ୍କ ଏକାଗ୍ରତାକୁ ପ୍ରଭାବିତ କରେ। ଏହା ସେମାନଙ୍କର ଆଚରଣ ଏବଂ ସ୍ୱାସ୍ଥ୍ୟ ଉଭୟକୁ ଖରାପ କରିଥାଏ, ଯାହା ସ୍ପଷ୍ଟ ଭାବରେ ସେମାନଙ୍କ ପାଠପଢ଼ାକୁ ପ୍ରଭାବିତ କରେ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଘରର ପରିସ୍ଥିତିରେ ଉନ୍ନତି ଆଣିବା, ବିଶେଷକରି ଆର୍ଦ୍ରତା ଏବଂ ଭିଡ଼ ହ୍ରାସ କରିବା ଦ୍ୱାରା, କେବଳ ପିଲାମାନଙ୍କର ଶିକ୍ଷଣରେ ଉନ୍ନତି ଆସିବ ନାହିଁ ବରଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ।


# ଷ୍ଟ୍ରୋକ୍ ରୋଗୀଙ୍କ ପାଇଁ ସୂର୍ଯ୍ୟକିରଣ କେତେ ଲାଭଦାୟକ ? ଏମ୍ସର ରିପୋର୍ଟ କ’ଣ କହୁଛି



ସୂର୍ଯ୍ୟକିରଣ ଷ୍ଟ୍ରୋକ୍ ସୁସ୍ଥତାକୁ ଉନ୍ନତ କରିପାରିବ କି? ଦିଲ୍ଲୀ ଏମ୍ସର ଡାକ୍ତରମାନଙ୍କ ଦ୍ୱାରା କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡିଛି ଯେ ନିୟମିତ ଚିକିତ୍ସା ସହିତ ପ୍ରତିଦିନ ମାତ୍ର ୩୦ ମିନିଟ୍ ସୂର୍ଯ୍ୟକିରଣ ଷ୍ଟ୍ରୋକ୍ ରୋଗୀଙ୍କ ସୁସ୍ଥତା ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିପାରିବ। ଚିକିତ୍ସା ଅନେକ ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରି ନଥାଏ । ପ୍ରକୃତରେ, ଷ୍ଟ୍ରୋକରୁ ସୁସ୍ଥ ହେବା ପ୍ରକ୍ରିୟା ପ୍ରାୟତଃ ଦୀର୍ଘ ଏବଂ ଚ୍ୟାଲେଞ୍ଜିଂ ହୋଇଥାଏ। ରୋଗୀମାନଙ୍କୁ ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ ହୁଏ, ଯାହା ଅନେକଙ୍କ ପାଇଁ ମହଙ୍ଗା କିମ୍ବା କଷ୍ଟକର। ଭାରତରେ ଷ୍ଟ୍ରୋକର ସମସ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଗ୍ଲୋବାଲ୍ ବର୍ଡେନ ଅଫ୍ ଡିଜିଜ୍‌ର ତଥ୍ୟ ଅନୁଯାୟୀ, ୨୦୨୧ରେ ଭାରତରେ ପ୍ରାୟ ୧.୨୫ ନିୟୁତ ନୂତନ ଷ୍ଟ୍ରୋକ ମାମଲା ରିପୋର୍ଟ ହୋଇଥିଲା, ଯେତେବେଳେ ପ୍ରାୟ ୯.୪ ନିୟୁତ ଲୋକ ଷ୍ଟ୍ରୋକର ଦୀର୍ଘକାଳୀନ ପ୍ରଭାବ ସହିତ ବଞ୍ଚୁଥିଲେ।

ଇଓଓଗଝ ଡାକ୍ତରମାନେ ପ୍ରାକୃତିକ ସୂର୍ଯ୍ୟକିରଣ ନିରାପଦରେ ସୁସ୍ଥତାରେ ସାହାଯ୍ୟ କରିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଥିଲେ। ଅଧ୍ୟୟନରୁ ଜଣାପଡ଼ିଛି ଯେ ନିୟମିତ ଚିକିତ୍ସା ସହିତ ସୂର୍ଯ୍ୟକିରଣ ପାଇଥିବା ରୋଗୀମାନଙ୍କର ଷ୍ଟ୍ରୋକ୍ ସମ୍ବନ୍ଧୀୟ ଜୀବନର ଗୁଣବତ୍ତା କେବଳ ମାନକ ଚିକିତ୍ସା ପାଇଥିବା ରୋଗୀଙ୍କ ତୁଳନାରେ ଯଥେଷ୍ଟ ଭଲ ଥିଲା। ଏହି ଅଧ୍ୟୟନ ନଭେମ୍ବର ୨୦୨୩ ରୁ ଏପ୍ରିଲ ୨୦୨୫ ମଧ୍ୟରେ କରାଯାଇଥିଲା। ଗତ ମାସ ମଧ୍ୟରେ ମଧ୍ୟମ ଷ୍ଟ୍ରୋକ୍ ଅନୁଭବ କରିଥିବା ୧୮ ରୁ ୮୦ ବର୍ଷ ବୟସର ରୋଗୀଙ୍କୁ ଏଥିରେ ସାମିଲ କରାଯାଇଥିଲା। ୨୦୦ରୁ ଅଧିକ ରୋଗୀଙ୍କୁ ସ୍କ୍ରିନିଂ କରିବା ପରେ ୪୦ ଜଣଙ୍କୁ ଚୟନ କରାଯାଇ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ଗବେଷକମାନେ ବିଶ୍ୱାସ କରନ୍ତି ଯେ ସୂର୍ଯ୍ୟକିରଣ ଶରୀରର ନିଦ୍ରାକୁ ଉନ୍ନତ କରିବାରେ, ଭିଟାମିନ୍ ଡି ସ୍ତରକୁ ବୃଦ୍ଧି କରିବାରେ ଏବଂ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରିପାରେ। ଯାହା ଷ୍ଟ୍ରୋକ୍ ପରେ ଆରୋଗ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହି ଗବେଷଣା ନ୍ୟୁରୋଲୋଜି ବିଭାଗର ଏକ ଦଳ ଦ୍ୱାରା କରାଯାଇଥିଲା ଯେଉଁଥିରେ ଅବଧ କିଶୋର ପଣ୍ଡିତ, ଶିବମ୍ ମିର୍ଗ ଏବଂ ଅନ୍ୟାନ୍ୟ ଗବେଷକମାନେ ସାମିଲ ଥିଲେ। ରୋଗୀମାନଙ୍କୁ ତିନି ମାସ ପର୍ଯ୍ୟନ୍ତ ଅନୁସରଣ କରାଯାଇଥିଲା ଏବଂ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପ, ଗତିବିଧି, ମନୋଭାବ, ନିଦ୍ରା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରାଯାଇଥିଲା। ଡାକ୍ତରମାନେ କହିଛନ୍ତି ଯେ ଏହି ଫଳାଫଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାରଣ ସୂର୍ଯ୍ୟକିରଣ ମାଗଣା, ନିରାପଦ ଏବଂ ସହଜରେ ଉପଲବ୍ଧ। ଯଦି ଫଳାଫଳଗୁଡ଼ିକ ବଡ଼ ଅଧ୍ୟୟନରେ ସତ୍ୟ ହୁଏ, ତେବେ ଏହା ଘରେ ଏବଂ ସୀମିତ ପୁନର୍ବାସ ସୁବିଧା ଥିବା ଅଞ୍ଚଳରେ ରୋଗୀଙ୍କ ପାଇଁ ବିଶେଷ ଭାବରେ ଲାଭଦାୟକ ହୋଇପାରେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଅଳ ରାତ୍ରିଭୋଜନ



ବିଳମ୍ବିତ ରାତ୍ରିଭୋଜନ ଏକ ସୁସ୍ଥ ଜୀବନଶୈଳୀର ପରିପନ୍ଥୀ। କିନ୍ତୁ ଆଜିର ବ୍ୟସ୍ତବହୁଳ ସମାଜରେ ଅଧିକାଂଶ ଲୋକ ନିଜନିଜ କାର୍ଯ୍ୟରୁ ଘରକୁ ବିଳମ୍ବରେ ଫେରିବା ସହ କ୍ଲବ୍, ମନୋରଞ୍ଜନ ଆଦି ପାଇଁ ସମୟ ଦେବା ପରେ ରାତିରେ ଖୁବ୍ ବିଳମ୍ବରେ ଭୋଜନ ଗ୍ରହଣ କରିବା ଏକ ନିୟମିତ ଅଭ୍ୟାସ ହେଲାଣି। ତେବେ ଏହା ଦ୍ୱାରା ସୁସ୍ଥ ଥିବା ମଣିଷଟି କ୍ରମଶଃ ଅସୁସ୍ଥ ହୋଇପଡ଼େ ଓ ଅସୁସ୍ଥ ଲୋକଟିର ସ୍ୱାସ୍ଥ୍ୟ ଜଟିଳତା ଆହୁରି ବଢ଼ିଯାଏ। ସୁସ୍ଥ ରହିବା ପାଇଁ କେବଳ ଯେ ଉପଯୁକ୍ତ ଖାଦ୍ୟ ଆବଶ୍ୟକ ନୁହେଁ, ଠିକ୍ ସମୟରେ ଖାଇବା ସର୍ବାଧିକ ଆବଶ୍ୟକ। ଆନ୍ତର୍ଜାତିକ ସ୍ତରର ପ୍ରଖ୍ୟାତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ଆପଣ ରାତ୍ରିଭୋଜନରେ କ’ଣ ଖାଉଛନ୍ତି ତାହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କେତେବେଳେ ଖାଉଛନ୍ତି ତାହା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଡାକ୍ତରମାନେ ପରାମର୍ଶ ଦିଅନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶୋଇବାର ଯଥେଷ୍ଟ ପୂର୍ବରୁ ରାତ୍ରିଭୋଜନ ଭଲ। ଏହା ଖାଦ୍ୟକୁ ଭଲ ଭାବରେ ହଜମ କରିବାକୁ ଶରୀରକୁ ସମର୍ଥ କରିଥାଏ, ଯାହା ନିଦ୍ରାରେ ମଧ୍ୟ ଉନ୍ନତି ଆଣିଥାଏ। ଏପରିକି ସନ୍ଧ୍ୟା ପୂର୍ବରୁ ରାତ୍ର ଭୋଜନ ପାଇଁ ଅନେକ ପରାମର୍ଶ ଦେଇଥାନ୍ତି। କାରଣ ରାତ୍ରିଭୋଜନ ଅପେକ୍ଷାକୃତ ଭାବେ ହାଲୁକା ହେବା ଆବଶ୍ୟକ। ଅନେକ ସମୟରେ ଦେଖାଯାଏ ଯେ ଆମେ ରାତିରେ ୮ ଘଣ୍ଟା ଶୋଇବା ପରେ ମଧ୍ୟ ସକାଳୁ ଉଠିବାବେଳକୁ କ୍ଳାନ୍ତି ଅନୁଭବ କରୁ। ତେବେ ବିଳମ୍ବରେ ରାତ୍ରିଭୋଜନ ଏହାର କାରଣ ବୋଲି ବିଶେଷଜ୍ଞମାନେ କହିଥାନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ବା ସଅଳ ରାତ୍ରିଭୋଜନ ମଣିଷ ଶରୀରରେ ଏକ ସ୍ୱାଭାବିକ ଓଜନ ବଜାୟ ରଖିବାରେ ମଧ୍ୟ ସହାୟକ ହୋଇପାରେ। ବିଶେଷକରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦ୍ୱାରା ଆକ୍ରାନ୍ତ ଲୋକଙ୍କ ପାଇଁ ସଅଳ ରାତ୍ରିଭୋଜନର ଅନେକ ଉପାଦେୟତା ରହିଛି। ସଅଳ ରାତ୍ରିଭୋଜନ ଆମ ଶରୀରକୁ ସୁସ୍ଥ ରଖିବା ସହ ମାନସିକ ଏକାଗ୍ରତା ଆଣିବାରେ ସହାୟକ ହୋଇଥାଏ ବୋଲି ଏକ ସ୍ୱାସ୍ଥ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ସମ୍ବାଦ: ନିଷ୍କ୍ରିୟ ନୁହେଁ ସକ୍ରିୟ ହୋଇ ବସନ୍ତୁ

ଦୀର୍ଘ ସମୟ ବସିରହିବା ମନୁଷ୍ୟ ଶରୀର ଓ ମସ୍ତିଷ୍କ ଲାଗି ଭଲ ନୁହେଁ ବୋଲି ବିଶେଷଜ୍ଞ କହନ୍ତି। କିନ୍ତୁ, ଗୋଟାଏ ବସିବା କୌଶଳ ରହିଛି ଯାହା ମନୁଷ୍ୟ ମସ୍ତିଷ୍କକୁ ସଙ୍କୁଚିତ କରେ ନାହିଁ। ଅର୍ଥାତ୍ ସେମିତି ବସିଲେ ମସ୍ତିଷ୍କର କାର୍ଯ୍ୟକଳାପ ଉପରେ କୁପ୍ରଭାବ ପଡ଼େନାହିଁ। ସମ୍ପ୍ରତି ଉପବେଶନ ବା ବସିବା ଶୈ?ଳୀ ଉପରେ ୮୫ଟି ଗବେଷଣା କରାଯାଇଥିଲା। ସେ ଗବେଷଣାଲବ୍ଧ ଫଳାଫଳ ସବୁକୁ ବିଶଦ୍ ଭାବେ ସମୀକ୍ଷା କରିବାରୁ ସକ୍ରିୟ ଉପବେଶନ ଏବଂ ନିଷ୍କ୍ରିୟ ଉପବେଶନ ମଧ୍ୟରେ ବ୍ୟାପକ ଫରକ ଥିବା କଥା ଜଣାପଡ଼ିଛି। ବସିବସି ତାସ୍ ଖେଳିବା ଓ ପୁସ୍ତକ ପଢ଼ିବା ‘ସକ୍ରିୟ’ ଏବଂ ଟେଲିଭିଜନ୍ ଦେଖିବା ନିଷ୍କ୍ରିୟ ଉପବେଶନର ଉଦାହରଣ ବୋଲି ଗବେଷକମାନେ କହୁଛନ୍ତି। ତାସ୍ ଖେଳ ଓ ପୁସ୍ତକ ଅଧ୍ୟୟନ ଲାଗି ଦୀର୍ଘ ସମୟ ବସିବାକୁ ପଡ଼େ ସତ, କିନ୍ତୁ ଏହାଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ। ଏହାର କାରଣ ସକ୍ରିୟ ଉପବେଶନ ସମ୍ଭବତଃ ମସ୍ତିଷ୍କକୁ ବ୍ୟସ୍ତ ରଖିଥାଏ। କିନ୍ତୁ, ନିଷ୍କ୍ରିୟ ଉପବେଶନ ଯୋଗୁଁ ମନୁଷ୍ୟ ଶରୀର ଓ ମନ ଆଳସ୍ୟବଶ ହୋଇଯାଏ। ଅଷ୍ଟ୍ରେଲିଆସ୍ଥିତ କୁଇନ୍‌ସଲାଣ୍ଡ୍ ବିଶ୍ୱବିଦ୍ୟାଳୟର ଜନସ୍ୱାସ୍ଥ୍ୟ ଗବେଷକ ପଲ୍ ଗାର୍ଡିନର କହନ୍ତି, ‘‘ସାରାଦିନ ବା ଗୋଟିଏ ଦିନର ସମୁଦାୟ ବସିରହିବା ଅବଧି ମସ୍ତିଷ୍କ ସହିତ ସମ୍ପୃକ୍ତ ବୋଲି ଉକ୍ତ ଗବେଷଣାରେ ଦର୍ଶାଯାଇଛି; କିନ୍ତୁ ବସିବା ଅର୍ଥ ଖାଲି ବସିବା ବୋଲି ସାଧାରଣରେ ବିଚାର କରାଯାଏ। ବସିବା ବେଳେ ମନୁଷ୍ୟ କି ପ୍ରକାର କାର୍ଯ୍ୟ କରୁଥାଏ ତାହା ବିଚାର କରାଯାଏ ନାହିଁ। ଅଧିକାଂଶ ଲୋକ ପ୍ରତିଦିନ ବସିବସି ଅନେକ ସମୟ ବିତାନ୍ତି। କିନ୍ତୁ, ସେ ବସିବା ଉପରେ ଅନେକ କିଛି ନିର୍ଭର କରେ। ଉପରୋକ୍ତ ଗବେଷଣାରୁ ଜଣାପଡ଼ିଛି ଯେ ବାର୍ଦ୍ଧକ୍ୟାଭିମୁଖୀ ହେବା ବେଳେ ଟେଲିଭିଜନ୍ ନ ଦେଖି ପୁସ୍ତକ ପଢ଼ିଲା ଭଳି ବସିବା କାର୍ଯ୍ୟ ଦ୍ୱାରା ମସ୍ତିଷ୍କ ଅପେକ୍ଷାକୃତ ସୁସ୍ଥ ରହେ।’’ ଏକଥା ସତ୍ୟ ଯେ ଚିନ୍ତନ, ଶିକ୍ଷଣ ଓ ସ୍ମରଣ ନିମନ୍ତେ ଶାରୀରିକ କସରତ ଅତି ଗୁରୁତ୍ୱପୂର୍ଣ୍ଣ। ତା’ ସହିତ ମସ୍ତିଷ୍କ କସରତ ବି ସେତିକି ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ସେଥିପାଇଁ ମନୁଷ୍ୟକୁ ଧାଁଦଉଡ଼ କରିବାକୁ ପଡ଼େନାହିଁ। ବ୍ୟାପକ ଗବେଷଣା ଦ୍ୱାରା ଗାର୍ଡିନର ଓ ତାଙ୍କ ସହକର୍ମୀମାନେ ଜାଣିପାରିଛନ୍ତି ଯେ ମସ୍ତିଷ୍କ ତେଜୀୟାନ୍ ରଖିବାରେ ପଠନ, ତାସ୍‌ଖେଳ, କମ୍ପ୍ୟୁଟର କାର୍ଯ୍ୟ ଆଦି ସକ୍ରିୟ ଉପବେଶନ କାର୍ଯ୍ୟକଳାପ ବେଶ୍ ସକାରାତ୍ମକ ସହାୟତା ଦେଉଛି।

ଫଳତଃ, କାର୍ଯ୍ୟ ସମ୍ପାଦନ, ବିଭିନ୍ନ ଘଟଣା ପ୍ରବାହକାଳୀନ ସ୍ମୃତି ଏବଂ କାର୍ଯ୍ୟ ସମ୍ପାଦନକାଳୀନ ସ୍ମୃତି ଭଳି ମସ୍ତିଷ୍କ ଦକ୍ଷତା ବୃଦ୍ଧି ପାଉଛି। ସେହିପରି, କ୍ଷଣ କ୍ଷଣକେ ସ୍ମୃତିକ୍ଷୟ ବା ଭୁଲାପଣର ଶିକାର ହୋଇଯିବା ଭଳି ନକାରାତ୍ମକ ମସ୍ତିଷ୍କକ୍ରିୟା ସହିତ ନିଷ୍କ୍ରିୟ ଉପବେଶନ ସମ୍ପୃକ୍ତ ରହୁଛି। ସକ୍ରିୟ ଓ ନିଷ୍କ୍ରିୟ ଉପବେଶଜନିତ ଫଳାଫଳରେ ଥିବା ତାରତମ୍ୟ ଟେଲିଭିଜନ୍ ଦେଖିବା ଓ କମ୍ପ୍ୟୁଟର ଚଳାଇବା କାର୍ଯ୍ୟରୁ ସ୍ପଷ୍ଟ ବାରି ହୋଇଯାଏ। ତେଣୁ, ଟେଲିଭିଜନ୍ ଦେଖୁଥିବା ବ୍ୟକ୍ତି ମଝିରେ ମଝିରେ ଉଠିଯାଇ ଟିକେ ବୁଲାବୁଲି କରି ମସ୍ତିଷ୍କ ସକ୍ରିୟ ରଖିବା ଉଚିତ ବୋଲି ଗବେଷକମାନେ ମତ ଦେଇଛନ୍ତି।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଏଥର ୪୦ ଭାରତୀୟ ବଂଶୋଦ୍ଭବ




ନୂଆଦିଲ୍ଲୀ: ଭାରତୀୟ ଦଳରୁ ଖେଳିବା ପାଇଁ ସବୁ ଖେଳାଳିଙ୍କ ସ୍ୱପ୍ନ ଥାଏ। ସମସ୍ତଙ୍କ ଜୀବନରେ ଏହି ସ୍ୱପ୍ନ ସାକାର କରିବା ସମ୍ଭବ ହୋଇପାରେ ନାହିଁ, ଭାଗ୍ୟରେ ଜୁଟେ ବି ନାହିଁ। କ୍ରମେ ଭାରତ ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ମହାଶକ୍ତି ହେବା ଫଳରେ ଏହି ସୁଯୋଗ ବି ସୀମିତ ଓ ସଙ୍କୁଚିତ ହୋଇଚାଲିଛି। ଫଳରେ ଏବେ ବିଶ୍ୱବ୍ୟାପୀ କ୍ରିକେଟ୍ ଖେଳିବା ଆରମ୍ଭ କରିଛନ୍ତି ଭାରତୀୟ ବଂଶୋଦ୍ଭବ। କେବଳ ଖେଳୁଛନ୍ତି ନୁହେଁ, ଅନ୍ୟ ଦେଶର ପ୍ରତିନିଧିତ୍ୱ ସହ ବିଶ୍ୱକପ୍ ସ୍ୱପ୍ନ ବି ସାକାର କରିଚାଲିଛନ୍ତି। ଏକ ସଦ୍ୟତମ ସଂଖ୍ୟା କିନ୍ତୁ ସମସ୍ତଙ୍କୁ ଚକମାଇ ଦେଇଛି। ଫେବ୍ରୁଆରି ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇସିସି ଟ୍ୱେଣ୍ଟି-୨୦ ବିଶ୍ୱକପ୍ ?ରେ ଜଣେ ଦୁଇ ଜଣ ନୁହେଁ ୪୦ ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି।ଭାରତ ଓ ଶ୍ରୀଲଙ୍କାରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ?ରେ ଏଥର ୨୦ ଦଳ ଅଂଶଗ୍ରହଣ କରୁଛନ୍ତି। ମୋନାକ ପଟେଲ୍, ସୌରଭ ନେତ୍ରଭାଲକର, ଯଶପ୍ରୀତ୍ ? ସିଂହ, ଆର୍ଯ୍ୟନ ଦତ୍ତଙ୍କ ଭଳି ଭାରତୀୟ ନାମ ରହିଛି ଅନ୍ୟ ଦଳରେ। ୨୦ ଦଳରେ ମୋଟ ୪୦ ଭାରତୀୟ ବଂଶୋଦ୍ଭବ କ୍ରିକେଟର ଅଛନ୍ତି।

ଏହି ସଂସ୍କରଣକୁ ପ୍ରବାସୀ ଭାରତୀୟଙ୍କ ବିଶ୍ୱକପ୍ ବି କହିଲେ ଅତ୍ୟୁକ୍ତି ହେବ ନାହିଁ। ସର୍ବାଧିକ ୧୧ ଜଣ ବିଦେଶୀ ଭାରତୀୟ ରହିଛନ୍ତି କାନାଡ଼ା ଦଳରେ। ଦ୍ୱିତୀୟ ସର୍ବାଧିକ ୯ ଜଣ ଅଛନ୍ତି ଆମେରିକା ଦଳରେ। ସେହିଭଳି ୭ ଜଣ ଭାରତୀୟ ବଂଶୋଦ୍ଭବ ପ୍ରତିନିଧିତ୍ୱ କରିବେ ସଂଯୁକ୍ତ ଆରବ୍ ଏମିରେଟ୍‌ସ (ୟୁଏଇ)ର। ଗୁଜରାଟ ପାଇଁ ୧୯ ବର୍ଷରୁ କମ୍ ଦଳରେ ଖେଳିଥିବା ୩୨ ବର୍ଷୀୟ ମୋନାକ ପଟେଲ୍ ଭାରତରେ ସୁଯୋଗ ନପାଇବା ବିଶ୍ୱାସରେ ପରିବାରକୁ ପିଛା କରି ଆମେରିକା ପଳାଇଥିଲେ। ଏବେ ସେ ଆମେରିକା ବିଶ୍ୱକପ୍ ? ଦଳର ୱିକେଟରକ୍ଷକ ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ୨୦୧୯ ମସିହାରେ ଅନ୍ତର୍ଜାତୀୟ ପଦାର୍ପଣ ପରଠାରୁ ସେ ଆମେରିକାର ପ୍ରତିନିଧିତ୍ୱ କରି ଆସୁଛନ୍ତି। ଇଟାଲି ପ୍ରଥମ ଥର ପଦାର୍ପଣ କରିବାକୁ ଯାଉଥିବାବେଳେ ଫଗୱାରା ଜନ୍ମିତ ଦ୍ରୁତ ବୋଲର ଯଶପ୍ରୀତ୍ ସିଂହ ଅଛନ୍ତି ଏହି ଦଳରେ। ଏକଦା ଆମେରିକାରେ ଉବେର ଚଳାଇ ଜୀବନ ନିର୍ବାହ କରୁଥିବା ଯଶପ୍ରୀତ୍ ଏବେ ବିଶ୍ୱକପ୍ ସ୍ୱପ୍ନ ପୂରଣ କରିବାକୁ ଯାଉଛନ୍ତି।

ଗତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଖେଳିଥିବା ଆମେରିକା ଦଳର ବାମହାତୀ ସ୍ପିନର ନେତ୍ରଭାଲକର ନିଜର ଦୁଇ ଆଦର୍ଶ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ୱିକେଟ୍ ବି ଦଖଲ କରିଥିଲେ। ସଫ୍ଟୱେର ପ୍ରଫେସନାଲ୍ ନେତ୍ରଭାଲକରଙ୍କ ଭଳି ଅଧିକାଂଶ ଖେଳାଳି ମଧ୍ୟ ସୌଖୀନ କ୍ରିକେଟର। ପସନ୍ଦ ଓ ପେସାକୁ ଏମାନେ ସଫଳତାର ସୂତ୍ର କରିପାରିଛନ୍ତି। ୨୦୨୩ ବିଶ୍ୱକପ୍‌ରେ ଖେଳିଥିବା ନେଦରଲାଣ୍ଡସ ଦଳର ଅଫସ୍ପିନର ଆର୍ଯ୍ୟନ ଦତ୍ତ ବି ଆସିଛନ୍ତି। ସୁଯୋଗ ପାଇଲେ ପରିବାରକୁ ଦେଖିବାକୁ ଯିବି ବୋଲି ସେ କହିଛନ୍ତି। ଖେଳାଳିଙ୍କ ଛଡ଼ା ପୂର୍ବତନ ମୁମ୍ବାଇ କ୍ରିକେଟର ସୁଲକ୍ଷଣ କୁଲକର୍ଣ୍ଣି ଏବେ ଓମାନ ଜାତୀୟ ଦଳର ସହକାରୀ ପ୍ରଶିକ୍ଷକ ଅଛନ୍ତି।

# ପ୍ରୀତିଶାଙ୍କୁ ମହିଳା ଆଇଏମ୍ ଟାଇଟଲ୍




**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଯୁବ ଚେସ୍ ପ୍ରତିଭା ପ୍ରୀତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ପ୍ରତିଷ୍ଠିତ ମହିଳା ଇଣ୍ଟରନ୍ୟାସନାଲ୍ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ୍ ହାସଲ କରିଛନ୍ତି। ଏହି ଐତିହାସିକ ସଫଳତା ପାଇବାରେ ସେ ଓଡ଼ିଶାର ଚତୁର୍ଥ ମହିଳା ଆଇଏମ୍ ହୋଇଛନ୍ତି। ପ୍ରୀତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ୍ ନର୍ମ ଜୁଲାଇ ୨୦୨୫ରେ ଟ୍ରଫି ଡୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ। ଦ୍ୱିତୀୟ ନର୍ମ ସର୍ବିଆର ସେଣ୍ଟାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ପାଇଥିଲା ବେଳେ ତୃତୀୟ ତଥା ଶେଷ ନର୍ମ ସେହିଠାରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ। ପ୍ରୀତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱସ୍ତରରେ ସର୍ବଦା ଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି। ଜାନୁଆରି ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ବର୍ଗରେ ବିଶ୍ୱ ମାନ୍ୟତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହ ନଭେମ୍ବର ୨୦୨୫ରେ ମାଲେସିଆର କୁଆଲାଲୁମ୍ପୁରରେ ଆୟୋଜିତ କମନ୍‌ୱେଲ୍‌ଥ ଚେସ୍ ପ୍ରତିଯୋଗିତାର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ପାଇଁ ପ୍ରୀତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ସଂଘ (ଏଓସିଓ) ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

## ସରକାରୀ ଓକିଲ ନିଯୁକ୍ତି ପରେ ଦ୍ୱନ୍ଦ୍ୱ

# ଡ଼ିଫେନ୍ସରେ ଥିବା ଓକିଲ ପ୍ରସିକ୍ୟୁସନ୍‌ରେ ରହି କରିବେ ଯୁକ୍ତି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ନିକଟରେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ନିଯୁକ୍ତ ସରକାରୀ ଓକିଲଙ୍କ ହାତରେ ଥିବା ଅର୍ଥାତ୍ ସେମାନେ ପୂର୍ବରୁ ପରିଚାଳନା କରୁଥିବା ମାମଲା ଗୁଡ଼ିକର ଭବିଷ୍ୟତକୁ ନେଇ ଉଠିଛି ପ୍ରଶ୍ନ । ଦୀର୍ଘ ବର୍ଷ ଧରି ଡ଼ିଫେନ୍ସ ବା ଅଭିଯୁକ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ି ମୋକଦ୍ଦମା ପରିଚାଳନା କରି ଆସୁଥିବା ଅଭିଜ୍ଞ ଆଇନ୍ ଜୀବୀଙ୍କୁ ବିଭିନ୍ନ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି । ଫଳସ୍ୱରୂପ ସେମାନଙ୍କୁ ବର୍ତ୍ତମାନ ଅଭିଯୁକ୍ତଙ୍କ ସପକ୍ଷରେ ବା ଡ଼ିଫେନ୍ସରେ ନୁହେଁ ବରଂ ପ୍ରତିପକ୍ଷ ବା ପ୍ରସିକ୍ୟୁସନ୍ ?ରେ ରହି ସରକାରଙ୍କ ପାଇଁ ଯୁକ୍ତି ବାଢ଼ିବାକୁ ହେବ । ଏଭଳି ସ୍ଥିତିରେ ସମ୍ପୃକ୍ତ ଅଭିଜ୍ଞ ତଥା ବରିଷ୍ଠ ଆଇନ୍ ଜୀବୀ ଯାହାଙ୍କ ହାତରେ ପୁଳା ପୁଳା ମାମଲା ଥାଇ ବର୍ତ୍ତମାନ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ଦ୍ୱାରା ପରିଚାଳିତ ମାମଲା ଗୁଡ଼ିକର ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଗତ ଡ଼ିସେମ୍ବର ୨୪ରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପୂର୍ବରୁ ଜିଲ୍ଲାରେ ନନ୍ କ୍ୟାଡ଼ର ସରକାରୀ ଓକିଲଙ୍କ ସଂଖ୍ୟା ପ୍ରାୟ ୮୦ ଥିବା ବେଳେ ତାହା ବର୍ତ୍ତମାନ ୧୭୫କୁ ବୃଦ୍ଧି ପାଇଛି । କମ୍ ସଂଖ୍ୟକ କୋର୍ଟ ଥିବା ସ୍ଥଳେ ଅଧିକ ସଂଖ୍ୟକ ସରକାରୀ ଓକିଲଙ୍କୁ ଓ କୋର୍ଟ ନଥାଇ ମଧ୍ୟ କେତେକ କ୍ଷେତ୍ରରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି । ଦକ୍ଷିଣାଚଂଳର ୮ଟି ଜିଲ୍ଲା ପାଇଁ ଉର୍ଦ୍ଧ୍ୱ ତଥା ସ୍ଥାନୀୟ ଏଲ୍ ?ଏଆ ?ଆଣ୍ଡ୍ ?ଆର୍ ବା ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ପୁନଃ ଥଇଥାନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ଏ ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ । ଏଭଳି ପରିସ୍ଥିତିରେ ସରକାରୀ ଓକିଲଙ୍କୁ ବା ଲ ଅଫିସରଙ୍କୁ ନିଯୁକ୍ତି ପୂର୍ବରୁ ସେମାନଙ୍କ ଠାରୁ ନୋ ପାୱାର କ୍ଲିୟରେନ୍ସ ମଗାଯାଇଛି କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ । ରାଜନୈତିକ ଥଇଥାନ ପ୍ରକ୍ରିୟାରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ହାତରେ ରହିଛି ବହୁ ମାମଲା । ଯଦ୍ୱାରାର ସରକାରୀ ମାମଲାଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ଓକିଲ ଭାବେ ନିଯୁକ୍ତ ଆଇନ୍ ?ଜୀବୀଙ୍କ ଠାରୁ ଘରୋଇ ମହିଳାଙ୍କ ମାମଲା ପରିଚାଳନା କ୍ଷମତା ତୁରନ୍ତ ରଦ୍ଦ କରାଯିବାକୁ ଆଇଡ଼୍ ?ଜୀବୀ ମହଲରେ ଦାବି ହୋଇଛି । ଏପରିକି ସେମାନଙ୍କ ହାତରେ ଥିବା ମାମଲା ଗୁଡ଼ିକର ତାଲିକା ମଗାଯାଇ ତାହାର ତର୍ଜମା କରାଯିବା ଉଚିତ୍ ବୋଲି ଦାବି ହୋଇଛି । ନଚେତ୍ ଗୋଟିଏ ଚାମ୍ବର ଅଧୀନରେ କାର୍ଯ୍ୟରତ ଆଇନ୍ ?ଜୀବୀଙ୍କ ଦ୍ୱାରା ସମାନ ମାମଲା ପରିଚାଳନା ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହା ହେଲେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିରେ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-୧ଙ୍କ କୋର୍ଟରେ ସହଯୋଗୀ ସରକାରୀ ଓକିଲ ଭାବେ ନିଯୁକ୍ତ ବରିଷ୍ଠ ଆଇନ୍ ଜୀବୀ ଅନୋଜ କୁମାର ପଟ୍ଟନାୟକ ନିଜ ମହକିଲଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ତଥା ତ୍ୟାଗ ମନୋବୃତ୍ତି ରଖି ନିଜ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି । ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏଭଳି ଅନେକ ତାଲିକାଭୁକ୍ତ ସରକାରୀ ଓକିଲ ମଧ୍ୟ ଅଛନ୍ତି ଯେଉଁମାନେ କାର୍ଯ୍ୟରେ ଯୋଗଦାନ ନ କରି ଦୋ ପାଂଚରେ ଥିବା ଜଣାପଡ଼ିଛି ।

## ଡିଆଇଇଟି ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ

# ଶିକ୍ଷାର୍ଥୀଙ୍କ ସାମଗ୍ରୀକ ବିକାଶରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ଚଳିତ ବର୍ଷ ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ରୀତିରେ ଶୁଭାରମ୍ଭ ଅନୁଷ୍ଠିତ ହୋଇଛି । ଖଲ୍ଲିକୋଟର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମଶାଲ ଜାଳି ଉତ୍ସବର ଶୁଭ ଉଦ୍ଘାଟନ କରିଥିଲେ । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଶିକ୍ଷାର୍ଥୀଙ୍କ ଶାରୀରିକ ମାନସିକ ବୌଦ୍ଧିକ ଆବେଗିକ ସର୍ବୋପରି ସର୍ବାଙ୍ଗୀନ ବିକାଶ ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ କ୍ରୀଡା ଉପରେ ପ୍ରତିଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରାଯାଇ ଏପ୍ରକାର ଆୟୋଜନ କରାଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା ଶିକ୍ଷାର୍ଥୀଙ୍କ ସାମଗ୍ରୀକ ବିକାଶ, ଶାରୀରିକ ସୁସ୍ଥତା, ଶୃଙ୍ଖଳିତ ଜୀବନଯାପନ ସକାଶେ କ୍ରୀଡାର ମହତ୍ୱ, ଲକ୍ଷ୍ୟ ଅଭିମୁଖ୍ୟ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ । ମାନ୍ୟବର ବିଧାୟକ ପ୍ରତିଷ୍ଠାନରେ ଅଧ୍ୟୟନରତ ଗୁରୁ ଛାତ୍ର ଛାତ୍ରୀଙ୍କ ନିମନ୍ତେ କ୍ରୀଡା ଶିକ୍ଷାର ପ୍ରୟୋଜନତା ସହିତ ଆଗାମୀ ଦିନରେ ବିଦ୍ୟାଳୟରେ ସୂଚାରୁରୂପେ କ୍ରୀଡାକୁ କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ଦାୟିତ୍ୱ ନିର୍ବାହ କରିବେ, ସେ ବିଷୟରେ ମତବ୍ୟକ୍ତ କରିଥିଲେ । ଅତିଥି ପରିଚୟ ପ୍ରଦାନ ସଭା ପରିଚାଳନା ଶିକ୍ଷକ ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ନବୀନ କୁମାର ପ୍ରମାଣିକ କରିଥିଲା ବେଳେ ଉତ୍ସବର ସଂଯୋଜକ ଶିକ୍ଷକ ପ୍ରଶିକ୍ଷକ ସୁକୁଲେଇ ଟୁଡୁ ସଂଯୋଜନା କରିଥିଲେ । ଗୁରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଶହେ ମିଟର ଦୌଡ ପ୍ରତିଯୋଗିତା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ ଆଦି ବହୁବିଧ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଆୟୋଜିତ ଉତ୍ସବ ଆଜି ଶୁଭ ଉଦଘାଟିତ ହୋଇଥିଲେ ହେଁ ଆସନ୍ତା କାଲି ଅର୍ଥାତ୍ ତା ୦୩/୦୨/୨୬ ରିଖରେ ଉଦଯାପିତ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡା ଉଲ୍ଲେଖ କରିଛନ୍ତି । ଅନୁଷ୍ଠିତ କ୍ରୀଡା ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ପ୍ରତିଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ, ପ୍ରଶିକ୍ଷିକା, କର୍ମଚାରୀ ଉପସ୍ଥିତ ରହିଥିଲେ ।

## ୪୪ ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ

# ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆର ଆଥଲେଟମାନଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି) ସହିତରାଉରକେଲା, ପୁରୀ ଏବଂ ଜୟପୁରରେ ଥିବା ଏହାର ତୃଣମୂଳ କେନ୍ଦ୍ରର ଆଥଲେଟମାନେ ପୁରୁଷ କଳାତ୍ମକ ଜିମ୍ନାଷ୍ଟିକ୍ସ (ଏମ୍ଏଜି) ଏବଂ ମହିଳା କଳାତ୍ମକଜିମ୍ନାଷ୍ଟିକ୍ସ (ଡବ୍ଲୁଏଜି) ଉଭୟରେ ବିଭିନ୍ନ ବୟସ ଏବଂବର୍ଗରେ ଅଂଶ ଗ୍ରହଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ। ଏହି ଦଳ ବିଭିନ୍ନ ପ୍ରତିଯୋଗିତାରେ ୩୫ସ୍ୱର୍ଣ୍ଣ, ୩୪ ରୌପ୍ୟ ଏବଂ ୩୩ ବ୍ରୋଞ୍ଜ ପଦକ ସହିତ ୧୦୨ ପଦକ ଜିତିଛି, ଯାହା ଉଚ୍ଚ ପ୍ରଦର୍ଶନ ଏବଂ ତୃଣମୂଳସ୍ତରର ବିକାଶମା ୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଏବଂ ଗ୍ରାସରୁଟ୍ ସେଣ୍ଟର ଆଥଲେଟମାନଙ୍କ ଚମତ୍କାର ପ୍ରଦର୍ଶନ । ବିଭିନ୍ନ ପ୍ରତିଯୋଗିତାରେ ୩୫ ସ୍ୱର୍ଣ୍ଣ, ୩୪ ରୌପ୍ୟ ଏବଂ ୩୩ ବ୍ରୋଞ୍ଜପଦକ ହାସଲ । ଭୁବନେଶ୍ୱର, ଫେବୃଆରୀ୦୩, ୨୦୨୬: ପୁରୀରେ ଅନୁଷ୍ଠିତ ୪୪ତମ ଓଡ଼ିଶା ରାଜ୍ୟଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି) ସହିତ ରାଉରକେଲା, ପୁରୀ ଏବଂ ଜୟପୁର ରେଥିବା ଏହାର ତୃଣମୂଳ କେନ୍ଦ୍ରର ଆଥଲେଟମାନେ ପୁରୁଷ କଳାତ୍ମକ ଜିମ୍ନାଷ୍ଟିକ୍ସ (ଏମ୍ଏଜି) ଏବଂ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ (ଡବ୍ଲୁଏଜି) ଉଭୟରେ ବିଭିନ୍ନ ବୟସ ଏବଂ ବର୍ଗରେ ଅଂଶ ଗ୍ରହଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ। ଏହି ଦଳ ବିଭିନ୍ନ ପ୍ରତିଯୋଗିତାରେ ୩୫ସ୍ୱର୍ଣ୍ଣ, ୩୪ ରୌପ୍ୟ ଏବଂ ୩୩ ବ୍ରୋଞ୍ଜ ପଦକ ସହିତ୧୦୨ ପଦକ ଜିତିଛି, ଯାହା ଉଚ୍ଚ ପ୍ରଦର୍ଶନ ଏବଂ ତୃଣମୂଳ ସ୍ତରର ବିକାଶ ମାଧ୍ୟମରେ ସମଗ୍ର ରାଜ୍ୟରେ ଜିମ୍ନାଷ୍ଟିକ୍ସର ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏଚପିସି ପକ୍ଷରୁ ୪୫ ଜଣ ଆଥଲେଟଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ପୁରୁଷ ବର୍ଗରେ ୨୪ ଜଣ ଏବଂ ମହିଳା ବର୍ଗରେ ୨୧ ଜଣ ସିନିୟର, ଜୁନିୟର ଓ ସବ୍-ଜୁନିୟର ଆଥଲେଟ୍ ସାମିଲ ଥିଲେ, ଯେଉଁମାନେ ବିଭିନ୍ନ ବିଭାଗରେ ସ୍ଥିରତା ଓ ଦକ୍ଷତାର ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।ସେମାନଙ୍କର ଏହି ଅଂଶଗ୍ରହଣ ଓଡ଼ିଶାରେ ଉଚ୍ଚ-ପ୍ରଦର୍ଶନ ଭିତିକ ଜିମ୍ନାଷ୍ଟିକ୍ସରେ ଏଚପିସିର ଏକ ପ୍ରମୁଖ ଭୂମିକାକୁ ପ୍ରତିପାଦିତ କରିଛି। ତୃଣମୂଳ ସ୍ତରରେ ରାଉରକେଲା ଏମଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୭ ଜଣ ଆଥଲେଟ୍ ଏବଂ ଡବ୍ଲୁଏଜି ୧୪ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ, ଯାହା ମହିଳାଙ୍କ ଅଂଶଗ୍ରହଣରେ ଥିବା ବୃଦ୍ଧିକୁ ପ୍ରଦର୍ଶିତ କରୁଛି। ଏମ୍ଏଜି ୧୦, ୧୨ ବର୍ଷରୁ କମ୍ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୨୨ ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଜୟପୁର ଯଦିଓ ସଂଖ୍ୟାରେ କମ୍ ଥିଲା, ତଥାପି ଏମଏଜି ୧୦ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ ଆଥଲେଟଙ୍କ ସହିତ ଦୃଶ୍ୟମାନ ପ୍ରଦର୍ଶନ କରିଥିଲା।

୪୪ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଉଲ୍ଲେଖ ନୀୟପଦକ ସଂଖ୍ୟା ଓଡ଼ିଶାର ତୃଣମୂଳସ୍ତରରୁ ଉଚ୍ଚ-ପ୍ରଦର୍ଶନ ପର୍ଯ୍ୟନ୍ତ ଯାତ୍ରାର ଦୃଢତାକୁ ପ୍ରତିଫଳିତ କରୁଛି । ଭୁବନେଶ୍ୱରରେ ଥିବା ଓଡ଼ିଶା ଏଏମ୍/ଏନ୍ ଏସ୍ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର, ରାଉରକେଲା, ପୁରୀ ଏବଂ ଜୟପୁରର କେନ୍ଦ୍ରଗୁଡ଼ିକ ସହିତ, ଏପରି ଏକ ପରିବେଶକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଯୁବ ପ୍ରତିଭା ଏବଂ ଉଚ୍ଚକୋଟୀର ଆଥଲେଟ୍ମାନେ ଏକତ୍ର ଭାବେ ଆଗକୁ ବଢୁଛନ୍ତି । ଏହି ସଫଳତା ଓଡ଼ିଶାରେ କ୍ରୀଡ଼ା ଉତ୍କର୍ଷତାର ଏକ ସ୍ଥାୟୀ ସଂସ୍କୃତି ଗଠନ ପାଇଁ ଏଏମ୍/ ଏନ୍.ଏସ୍.ଇଣ୍ଡିଆ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନିକଟରେ ଓଡ଼ିଶାଏଏମ୍/ ଏନ୍.ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଆଥଲେଟମାନେ ଲିସବନରେ ଆୟୋଜିତ ଅନ୍ତର୍ଜାତୀୟ ମହାଦେଶୀୟ କପରେ୨୦ଟିପଦକ ହାସଲ କରିଥିଲେ। ସମଗ୍ର ରାଜ୍ୟରେ ଜିମ୍ନାଷ୍ଟିକ୍ସର ନିରନ୍ତର ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି। ଏଚପିସି ପକ୍ଷରୁ ୪୫ ଜଣ ଆଥଲେଟଙ୍କୁ ନେଇ ଏକ ଶକ୍ତିଶାଳୀ ଦଳ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ପୁରୁଷ ବର୍ଗରେ ୨୪ ଜଣ ଏବଂ ମହିଳା ବର୍ଗରେ ୨୧ ଜଣ ସିନିୟର, ଜୁନିୟର ଓ ସବ୍-ଜୁନିୟର ଆଥଲେଟ୍ ସାମିଲ ଥିଲେ, ଯେଉଁମାନେ ବିଭିନ୍ନ ବିଭାଗରେ ସ୍ଥିରତା ଓ ଦକ୍ଷତାର ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।ସେମାନଙ୍କର ଏହି ଅଂଶଗ୍ରହଣ ଓଡ଼ିଶାରେ ଉଚ୍ଚ-ପ୍ରଦର୍ଶନ ଭିତିକ ଜିମ୍ନାଷ୍ଟିକ୍ସରେ ଏଚପିସିର ଏକ ପ୍ରମୁଖ ଭୂମିକାକୁ ପ୍ରତିପାଦିତ କରିଛି। ତୃଣମୂଳ ସ୍ତରରେ ରାଉରକେଲା ଏମଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୭ ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୪ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ, ଯାହା ମହିଳାଙ୍କ ଅଂଶ ଗ୍ରହଣରେ ଥିବା ବୃଦ୍ଧିକୁ ପ୍ରଦର୍ଶିତ କରୁଛି। ଏମ୍ଏଜି ୧୦, ୧୨ ବର୍ଷରୁ କମ୍ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୨୨ ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ଏବଂ ୧୪ ବର୍ଷରୁ କମ୍ ବର୍ଗରେ ୧୩ ଜଣ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଜୟପୁର ଯଦିଓ ସଂଖ୍ୟାରେ କମ୍ ଥିଲା, ତଥାପି ଏମଏଜି ୧୦ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ଜଣ ଆଥଲେଟ୍ ଏବଂ ଡବ୍ଲ୍ୟୁଏଜି ୧୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ କମ୍ ବର୍ଗରେ ୨ ଆଥଲେଟଙ୍କ ସହିତ ଦୃଶ୍ୟମାନ ପ୍ରଦର୍ଶନ କରିଥିଲା।

୪୪ ତମ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଉଲ୍ଲେଖନୀୟ ପଦକ ସଂଖ୍ୟା ଓଡ଼ିଶାର ତୃଣମୂଳସ୍ତରରୁ ଉଚ୍ଚ-ପ୍ରଦର୍ଶନ ପର୍ଯ୍ୟନ୍ତ ଯାତ୍ରାର ଦୃଢତାକୁ ପ୍ରତିଫଳିତ କରୁଛି । ଭୁବନେଶ୍ୱରରେ ଥିବା ଓଡ଼ିଶା ଏଏମ୍/ଏନ୍ଏସ୍ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର, ରାଉରକେଲା, ପୁରୀ ଏବଂ ଜୟପୁରର କେନ୍ଦ୍ରଗୁଡ଼ିକ ସହିତ, ଏପରି ଏକ ପରିବେଶକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଯୁବ ପ୍ରତିଭା ଏବଂ ଉଚ୍ଚକୋଟୀର ଆଥଲେଟ୍ମାନେ ଏକତ୍ର ଭାବେ ଆଗକୁ ବଢୁଛନ୍ତି। ଏହି ସଫଳତା ଓଡ଼ିଶାରେ କ୍ରୀଡ଼ା ଉତ୍କର୍ଷତାର ଏକ ସ୍ଥାୟୀ ସଂସ୍କୃତି ଗଠନ ପାଇଁ ଏଏମ୍/ଏନ୍ଏସ୍ଇଣ୍ଡିଆ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନିକଟରେ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ଆଥଲେଟ ମାନେଲିସବନରେ ଆୟୋଜିତ ଅନ୍ତର୍ଜାତୀୟ ମହାଦେଶୀୟ କପରେ ୨୦ଟି ପଦକ ହାସଲ କରିଥିଲେ।

## ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ: କୋଲକାତାକୁ ହରାଇ ସାଇ ଇଲେଭେନ୍ ବିଜୟୀ

# ଆଜି ବାପୁଜୀ କ୍ଲବ ଓ ସାଇ ଇଲେଭେନ୍ ମଧ୍ୟରେ ପ୍ରଥମ ସେମିଫାଇନାଲ



**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ 'ରାମଚନ୍ଦ୍ର ଦାଶ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ'ର ଦ୍ୱିତୀୟ ଦିନରେ ଭୁବନେଶ୍ୱରର ସାଇ ଇଲେଭେନ୍ ଏକ ବୃହତ୍ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ହାଇ-ଭୋଲଟେଜ୍ ମ୍ୟାଚରେ ସାଇ ଇଲେଭେନ୍ କୋଲକାତାର ଏଲଆରଏସ୍ ଟିମକୁ ୧୬୦ ରନରେ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ଲିଗ୍ ମ୍ୟାଚକୁ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ମୋହନ ମହାନ୍ତି, ବିଶିଷ୍ଟ ସମାଜସେବୀ ରମେଶ ଚନ୍ଦ୍ର ପତି ଏବଂ ଦେବେନ୍ଦ୍ର ବାରିକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅତିଥିମାନେ ଉଭୟ ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ସାଇ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୨୩୯ ରନର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ଧୂଆଁଧାର ବ୍ୟାଟିଂ କରି ସ୍କୋର ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୪୦ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା କୋଲକାତାର ଏଲଆରଏସ୍ ଟିମ୍ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସାଇ ଇଲେଭେନର ଶାଣିତ ବୋଲିଂ ଆଗରେ କୋଲକାତା ଦଳ ମାତ୍ର ୭୯ ରନରେ ସମସ୍ତ ୱିକେଟ ହରାଇ ପରାଜୟ ସ୍ୱୀକାର କରିଥିଲା। ସାଇ ଇଲେଭେନର ଷ୍ଟାର୍ ଖେଳାଳି ରାମଚନ୍ଦ୍ର ବେହେରାଙ୍କୁ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ଘୋଷଣା କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ଗଦାଧର ସାହୁ ଏବଂ ଅଧ୍ୟାପକ ହିମାଂଶୁ ଶେଖର ଦାଶ ଅତିଥି ଭାବେ ଯୋଗଦେଇ ରାମଚନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଦିନର ମ୍ୟାଚରେ ଅମ୍ପାୟାର ଭାବେ ବିଶ୍ୱଜିତ ପତି ଓ ଜ୍ୟୋତିପ୍ରକାଶ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ସେହିପରି ସ୍କୋରର ଦାୟିତ୍ୱ ତୁଲାଇଥିଲେ ନିହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ । ୟୁଟ୍ୟୁବରେଅନଲାଇନ ଷ୍ଟ୍ରିମିଂ କରୁଥିଲେ ବଳରାମ ସାହୁ। ଜ୍ଞାନ ରଞ୍ଜନ ଘଡ଼େଇ ଏବଂ ସେକ୍ ଇମ୍ରାନ ନିଜର ଚିତ୍ତାକର୍ଷକ କମେଣ୍ଟ୍ରି ମାଧ୍ୟମରେ ଦର୍ଶକଙ୍କୁ ଖେଳ ମଇଦାନରେ ବାନ୍ଧି ରଖିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ପ୍ରଥମ ଦିନର ବିଜୟୀ ଦଳ ଭୁବନେଶ୍ୱରର 'ବାପୁଜୀ କ୍ଲବ' ଏବଂ ମଙ୍ଗଳବାର ବିଜୟୀ ଦଳ 'ସାଇ ଇଲେଭେନ୍' ମଧ୍ୟରେ କଡ଼ା ଟକ୍କର ହେବ। ଏହି ମ୍ୟାଚକୁ ନେଇ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି।

# ଚୌଦ୍ୱାର ଜେଲରେ କଏଦୀ ଜଣକ ଆତ୍ମହତ୍ୟା କରିଛନ୍ତି : ଡିସିପି

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଚୌଦ୍ୱାର ମଣ୍ଡଳ କାରାଗାରରେ ରହୁଥିବା ବିଚାରାଧୀନ ବନ୍ଦୀଙ୍କ ଆତ୍ମହତ୍ୟା ଘଟଣା। କଏଦୀ ଜଣକ ଆତ୍ମହତ୍ୟା କରିଥିବା ଆଜି ସ୍ପଷ୍ଟ କରିଛନ୍ତି କଟକ ଡିସିପି। ସୂଚନା ଅନୁସାରେ ଗତକାଲି କଏଦୀ ଜଣକ ଜେଲ ଡାକ୍ତରଖାନାରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ମୃତ ବନ୍ଦୀ ଜଣଙ୍କ ହେଲେ କଟକ ହାତୀପୋଖରୀ ଦୁର୍ଗାବଜାର ଅଞ୍ଚଳର ମହମ୍ମଦ କଲିମ। ରବିବାର ସନ୍ଧ୍ୟାରେ ଜେଲ ପକ୍ଷରୁ ଅଭିଯୋଗ ପରେ ଚୌଦ୍ୱାର ପୁଲିସ ଆତ୍ମହତ୍ୟା ମାମଲା ରୁଜୁ କରି ଶବ ଜବତ କରି ତଦନ୍ତ ଜାରି ରଖିଛି। ଆଜି ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଡାକ୍ତରୀ ଦଳ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। କଏଦୀଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ଡିସିପି ସ୍ପଷ୍ଟୀକରଣ ରଖିଛନ୍ତି। କଲିମଙ୍କୁ ଦରଘା ବଜାର ଥାନା ଅଞ୍ଚଳରେ କୌଣସି ଏକ ଗଣ୍ଡଗୋଳ ଘଟଣାରେ ପୁଲିସ ଗତ ଡିସେମ୍ବର ୧୩ରେ ଗିରଫ କରି ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇଥିଲା। ଅଦାଲତରେ ବିଚାର ଚାଲିଥିବାରୁ ସାମୂହିକ ବିଚାରାଧୀନ ବନ୍ଦୀଙ୍କ ସହ କଲିମଙ୍କୁ ଏକାଠି ରଖାଯାଇଥିଲା। ତେବେ ତାଙ୍କୁ ସାମୂହିକ ଗୃହରୁ ହଠାତ କାହିଁକି ଡାକ୍ତରଖାନା ପଠାଯାଇଥିଲା ସେ ବିଷୟରେ ଜେଲ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନ ଥିବାବେଳେ ସେ ମାନସିକସ୍ତରରେ ଅସୁସ୍ଥ ଥିବାରୁ ତାଙ୍କୁ ଜେଲ ଡାକ୍ତରଖାନାର ୬ ନଂ ସେଲରେ ରଖାଯାଇ ଚିକିତ୍ସା କରାଯାଉଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। କଲିମ ଡାକ୍ତରଖାନା ୱାର୍ଡ ଭିତରେ ଥିବାବେଳେ ରବିବାର ଅପରାହ୍ନରେ ପାଖରେ ଥିବା ଗାମୁଛାକୁ ବେକରେ ଗୁଡାଇ ସ୍କାଏଲାଇଟରେ ବାନ୍ଧି ଝୁଲି ପଡ଼ିଥିଲେ। ଡାକ୍ତରଖାନାର ଜଣେ କର୍ମଚାରୀ ଏହା ଦେଖି ତୁରନ୍ତ

Email- rd_nuapada@rediffmail.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
BID IDENTIFICATION NO. RWNPD - 10 (Online) of 2025-26

"e" PROCUREMENT NOTICE

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Roads & Building works in the District of Nuapada as mentioned in DTCN
2. Total No of Works :21 Nos.
3.Estimated Cost: : Rs.2.52 to 46.89 Lakhs (Roads & Building)
4.Period of Completion: : 01 (one), Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-10 / 2025-26 (Online) | 03.02.2026 at 10.00 AM | 10.02.2026 up to 5.00 PM | 09.02.2026 upto 05.00 PM | 11.02.2026 at 11.00 AM |

Further details can be seen from the website www.tendersodisha.gov.in

Sd/-
Executive Engineer
Rural Works Division, Nuapada
OIPR : 25001/19/2526

OFFICE OF THE EXECUTIVE ENGINEER
RWS&S DIVISION, RAIRANGPUR
Email:-eerwss_rai@nic.in, eerwss.rai@gmail.com

QUOTATION CALL NOTICE NO- 02 OF 2025-26

The Superintending Engineer, RWS&S Division, Rairangpur on behalf of Government of Odisha invites sealed Quotation for the following works as stated below from authorized dealer/ Distributor / Supplier under following terms and conditions.

| | | |
|---|---|---|
| 1 | Nature of work | ISI marked steel tubes used in water wells of type electric resistance welder (ERW) confirming to IS-4270/2001 with subsequent amendments if any having length of 3.05 mtrs cutting tolerance (-0.00mtr. + 0.05 mtr) and both sides beveled. The angle of bevel shall be 15º in one end and 45º in other end. Nominal Bore 5" (125 mm dia) ERW MS Casing Pipe having wall thickness 5.40 mm |
| 2 | No of item | 1 (One) |
| 3 | The Quotation document will be available in O/O The Superintending Engineer, RWS&S, Division, Rairangpur | From 05.02.2026 (10 AM) to 12.02.2026 (5.00 PM) |
| 4 | Last date and time for submission of Quotation papers in the Quotation box kept in the O/o the Superintending Engineer, RWS&S, Division, Rairangpur | Dt- 13.02.2026 up to 5:00 PM |
| 5 | Date and time of opening of Quotation | Dt. 16.02.2026 at 11.00 AM in the Office of Superintending Engineer, RWS&S, Division, Rairangpur |

Subsequent corrigendum if any shall appear in the office notice board of the undersigned.

Sd/-
Superintending Engineer
RWS & S Division, Rairangpur
OIPR : 25001/16/2526

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଫେବୃୟାରୀ ୨୦୨୬ ବୁଧବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମା’ ବିରଜାଙ୍କ ...

ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ମା’ ବିରଜାଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ବିରଜା ମନ୍ଦିରରେ ପହଞ୍ଚି ହସ୍ତପଦ ପ୍ରକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡ ଦାନ ସରିବା ପରେ ମହାମହିମ ରାଷ୍ଟ୍ରପତି ମା’ ବିରଜାଙ୍କ ଦର୍ଶନ କରିଥିଲେ ଏବଂ ଏହା ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବ ଲିଙ୍ଗ ପାର୍ଶ୍ୱ ଦେବା ଦେବୀଙ୍କ ଦର୍ଶନ କରିଥିଲେ ଏବଂ ମୁକ୍ତି ମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳହୁଳି ନାଦରେ ଗୁଞ୍ଜରିତ ହେଉଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହା ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶାସନିକ ଭବନ ହେଲିପ୍ୟାଡକୁ ଯାତ୍ରା କରିଥିଲେ ଏବଂ ଦିନ ୧୧.୪୦ ମିନିଟ ସମୟରେ ବିମାନ ଯୋଗେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ।

## ୨୦୧ ଦମ୍ପତିଙ୍କ ...

ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଯୋଗ୍ୟ ଦମ୍ପତି ମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ମା’ ତାରାତାରିଣୀଙ୍କ ଆଦିଶକ୍ତିପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ, ୨୦୨୫-୨୬ ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଏବଂ ଏଥିପାଇଁ ବଜେଟରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବଡ଼ ଅଟ୍ଟାଳିକା କିମ୍ବା ରାସ୍ତା ଘାଟ କିମ୍ବା ଶିଳ୍ପ କେବଳ ବିକାଶ ନୁହଁ ପ୍ରକୃତ ବିକାଶ ହେଉଛି ରାଜ୍ୟର ମା ଏବଂ ଭଉଣୀମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଠନ କରିବା। ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟେକ ମହିଳା ସୁରକ୍ଷିତ ହେବା ଉଚିତ ଏବଂ ପ୍ରତ୍ୟକ ପରିବାର ସ୍ୱାଭିମାନର ସହିତ ବଞ୍ଚିବା ଉଚିତ। ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ନିଶ୍ଚିତ ରୂପରେ ସହାୟକ ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବ ଦମ୍ପତିଙ୍କୁ ସ୍ନେହ ଭରା ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏହି ମହତ୍ୱାକାଂକ୍ଷୀ ସରକାରୀ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସ୍ତୁତ ଯୋଜନା । ପୂର୍ବରୁ ଆମେ କଥା ଦେଇଥିଲୁ ସୁଭଦ୍ରା ମା’ ମାନଙ୍କ ସାଥିରେ ସବୁଦିନ ରହିବୁ। ସେହି କଥାକୁ ଆଉ ଦି ପାଦ ଆଗକୁ ନେଇ କନ୍ୟା ବିବାହ ଦାୟିତ୍ୱ ସମ୍ପନ୍ନ କରୁଛୁ। ମା’ ତାରାତାରିଣୀ ଆଶୀର୍ବାଦ କରନ୍ତୁ ସମସ୍ତଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏତିକି ବଡ଼ ଭଉଣୀ ଭାବେ ମୋର ଆନ୍ତରିକ କାମନା। ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ରାଜ୍ୟ ସରକାରଙ୍କ ଏହା ଏକ ମହତ ଜନମଙ୍ଗଳକାରୀ ଯୋଜନା । ମୁଖ୍ୟମନ୍ତ୍ରୀ ସମାଜର ତୃଣମୂଳସ୍ତରରେ ଥିବା ସମସ୍ୟାକୁ ହୃଦୟଙ୍ଗମ କରି ଏହି ଯୋଜନାକୁ ପରିକଳ୍ପନା କରିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ନାରୀ ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେ ବି ଅବହେଳା କରିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ ଯୋଜନା ଓଡ଼ିଶାରେ ଏକ ସାମାଜିକ କ୍ରାନ୍ତି ଆଣିବ। ପରିବାରରେ ଝିଅ ଏକ ବୋଝ ମାନସିକତାରେ ପରିବର୍ତ୍ତନ ଆଣିବ। ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ - ମୁଖ୍ୟମନ୍ତ୍ରୀଙ୍କୁ ଏହି କଲ୍ୟାଣକାରୀ ଯୋଜନ ପ୍ରଣୟନ ପାଇଁ ସାଧୁବାଦ ଜଣାଇ ନବ ଦମ୍ପତିଙ୍କ ସୁଖମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଜିଲ୍ଲାପାଳ ଗଞ୍ଜାମ ଭି କୀର୍ତ୍ତି ୱାସନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ରାଜସ୍ୱ ସଂଗ୍ରହ...

ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି। ଅଧିକ ବ୍ୟୟବରାଦ ହୋଇଥିବା ବିଭିନ୍ନ ବିଭାଗ ସହିତ ଅନ୍ୟ ସମସ୍ତ ବିଭାଗର ଖର୍ଚ୍ଚ ସମୀକ୍ଷା ହୋଇଥିଲା। ଚଳିତ ଆର୍ଥିକ ବର୍ଷ ସରିବାକୁ ୨ ମାସ ଥିବାରୁ ଏହା ଭିତରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି କରିବାକୁ ଏବଂ ରାଜସ୍ୱ ସଂଗ୍ରହ ସହିତ ସଂପୃକ୍ତ ବିଭାଗମାନଙ୍କୁ ଧାର୍ଯ୍ୟ ଅନୁସାରେ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ ଦିଆଯାଇଛି । ଶିଳ୍ପ, କ୍ରୀଡା, ବିଜ୍ଞାନ ଓ କାରିଗରୀ, ହସ୍ତତନ୍ତ ଓ ବୟନଶିଳ୍ପ, ପର୍ଯ୍ୟଟନ, ଇଲୋକଟ୍ରୋନିକ ଓ ଆଇଟି, ଏମଏସଏମଇ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଆଦି ଭଳି ଦ୍ରୁତ ଗତିରେ ବିକାଶ ପାଉଥିବା ଏବଂ ଭବିଷ୍ୟତରେ ଦେଶ ଏବଂ ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଥିବା କ୍ଷେତ୍ରକୁ ଉଦୀୟମାନ କ୍ଷେତ୍ର ( ସନ ରାଇଜ୍ ସେକ୍ଟର) ଭାବେ ବିବେଚନା କରାଯାଇ ସେସବୁ କ୍ଷେତ୍ରକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗମାନେ ଏ ସମ୍ପର୍କରେ ବିବରଣୀ ପ୍ରଦାନ କରିଛନ୍ତି । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ସମ୍ପର୍କିତ ବିବରଣୀ ଆଗାମୀ ମାସରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟକୁ ଅଧିକ ଦକ୍ଷ ଏବଂ ଉତ୍ତରଦାୟୀ କରିବା ପାଇଁ ବିଭାଗମାନଙ୍କରେ ମିଶନ କର୍ମଯୋଗୀ ଆଇ–ଜିଓଟି ପ୍ଲାଟଫର୍ମରେ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରଶିକ୍ଷଣ ସମ୍ପର୍କରେ ନିୟମିତ ସମୀକ୍ଷା କରିବାକୁନିର୍ଦ୍ଦେଶ ଦିଆଯାଇଛି ।ସରକାରୀ କାର୍ଯ୍ୟାଳୟରେଓଡ଼ିଆ ଭାଷାର ବ୍ୟବହାର ସହିତ ଯେଉଁ ସବୁ ବିଭାଗର ୱେବ୍ ସାଇଟ୍ ଇଂରାଜୀ ଭାଷାରେ ରହିଛି, ଏବଂ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଅଦ୍ୟତନ କରାଯାଇନାହିଁ, ତାହାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତି ମଧ୍ୟରେ କେନ୍ଦ୍ର ବଜେଟ୍ ଆଗତ ହୋଇସାରିଥିବାରୁ ରାଜ୍ୟରେ “ଓଡ଼ିଶା ଭିଜନ” ବିକଶିତ ଓଡ଼ିଶା ଲକ୍ଷ୍ୟକୁ ପୂରଣ କରିବାରେ ଏହା କିପରି ସଂଯୋଜିତ କରୁଛି, ତାହାକୁ ଲକ୍ଷ୍ୟ ରଖି ରାଜ୍ୟର ଆଗାମୀ ବଜେଟ୍‌ରେ ପ୍ରସ୍ତୁତି କିପରି ରହିବ, ଜନସାଧାରଣଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ତଦନୁସାରେ ବଜେଟ୍ କୁ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମରେ ଅଭିନବତ୍ୱ ଆଣିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନର ତଥା ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜସ୍ୱ ସଂଗ୍ରହ ଏବଂ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ସଚିବମାନଙ୍କର କ୍ଷେତ୍ର ପରିଦର୍ଶନ ସଂପର୍କରେ ଗୁରୁତ୍ୱାରୋପ କରି ଗସ୍ତ ସମୟରେ ବିଭାଗୀୟ କାର୍ଯ୍ୟ ସହିତ ପାନୀୟ ଜଳ, ବିଦ୍ୟାଳୟ ପରିଦର୍ଶନ, କାର୍ଯ୍ୟକାରୀ ହେଉଥିବା ଭିତିଭୂମି ଉନ୍ନୟନ ପ୍ରକଳ୍ପ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମଧ୍ୟ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ରହୁଥିବା ଆନ୍ତଃ ବିଭାଗୀୟ ସମସ୍ୟା ଓ ସେସବୁର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଥିଲା ।

## ବିଶୃଙ୍ଖଳିତ ଆଚରଣ...

(କଂଗ୍ରେସ), ଦୀନ କୁରିଆକୋସେ (କଂଗ୍ରେସ), କିରଣ କୁମାର ରେଡ୍ଡୀ (କଂଗ୍ରେସ) ଏବଂ ଏସ. ଭେଙ୍କଟେସନ (ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)। ରିଜିଜୁ ତାଙ୍କ ପ୍ରସ୍ତାବରେ କହିଛନ୍ତି ଯେ ଏହି ସାଂସଦମାନେ ସଂସଦରେ ଏପରି ଆଚରଣ କରିଛନ୍ତି ଯାହା ଗୃହ ଏବଂ ବାଚସ୍ପତିଙ୍କ ମର୍ଯ୍ୟାଦା ପ୍ରତି ଗୁରୁତର ଭାବରେ ଅଶୋଭନୀୟ। ସେମାନେ ମହାସଚିବଙ୍କ ଟେବୁଲ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଟେବୁଲ ନିକଟକୁ ଯାଇ ବାଚସ୍ପତିଙ୍କ ଉପରେ କାଗଜପତ୍ର ଫିଙ୍ଗିଥିଲେ। ବାଚସ୍ପତିଙ୍କ ମନୋନୟନ ପରେ, ନିୟମ ୩୭୪(୨) ଅନୁଯାୟୀ ଏକ ପ୍ରସ୍ତାବ ଆଗତ ହୋଇଛି ଯେ ଉପରୋକ୍ତ ସଦସ୍ୟମାନଙ୍କୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ଗୃହର କାର୍ଯ୍ୟରୁ ନିଲମ୍ବିତ କରାଯାଉ। ପ୍ରସ୍ତାବଟି ସ୍ୱର ଭୋଟ ଦ୍ୱାରା ଗୃହୀତ ହୋଇଥିଲା। ପ୍ରସ୍ତାବ ଗ୍ରହଣ ସମୟରେ ମଧ୍ୟ କିଛି ସଦସ୍ୟ କାଗଜପତ୍ର ଚିରି ଫିଙ୍ଗି ଦେଇଥିଲେ। ମଙ୍ଗଳବାର ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ସମୟରେ, ରାହୁଲ ଗାନ୍ଧୀ ତାଙ୍କ ଭାଷଣରେ ପୂର୍ବ ଲଦାଖ ପ୍ରସଙ୍ଗ ଉଠାଇବା ପରେ ଗୃହରେ ପୁଣି ହଙ୍ଗାମା ଆରମ୍ଭ ହୋଇଥିଲା। ଶାସକ ଦଳ ଦାବି କରିଛି ଯେ ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ ରାହୁଲ ଗାନ୍ଧୀ ପୁଣି ଥରେ ସମାନ ପ୍ରସଙ୍ଗ ଉଠାଉଛନ୍ତି। ଏହି ସମୟରେ ବିରୋଧୀ ଦଳ ଦାବି କରିଛି ଯେ ତାଙ୍କୁ କହିବାରୁ ବାରଣ କରାଯାଉଛି। ଗତକାଲି ସମାନ କାରଣରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ରାହୁଲ ଗାନ୍ଧୀ ଏକ ପତ୍ରିକାର ଏକ ଲେଖା ଯାଞ୍ଚ କରି ତାଙ୍କର ବିବୃତି ଆରମ୍ଭ କରିଥିଲେ। ସେ ଏହାର ଏକ କପି ମଧ୍ୟ ଦାଖଲ କରିଥିଲେ। ଏହି ଲେଖା ପୂର୍ବତନ ସେନା ମୁଖ୍ୟ ମନୋଜ ମୁକୁନ୍ଦ ନରଭଣେଙ୍କ ଦ୍ୱାରା ପ୍ରକାଶିତ ଏକ ଅପ୍ରକାଶିତ ପୁସ୍ତକ ଉପରେ ଆଧାରିତ ଥିଲା। ତା’ପରେ ସେ ଗୃହରେ ଏକ ସମ୍ପର୍କିତ ପ୍ରସଙ୍ଗ ଉଠାଇବାକୁ ଚାହୁଁଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାହୁଲଙ୍କ ବିବୃତି ଉପରେ ଆପତ୍ତି କରିଥିଲେ। ସେ କହିଥିଲେ, ‘ଆମେ ବିରୋଧୀ ଦଳ ନେତାଙ୍କ କଥା ଶୁଣିବାକୁ ଅପେକ୍ଷା କରିଛୁ, କିନ୍ତୁ ବାଚସ୍ପତି ଯେଉଁ ବିଷୟକୁ ଉଲ୍ଲେଖ କରୁଛନ୍ତି ସେ ବିଷୟରେ ନିଷ୍ପତ୍ତି ନେଇସାରିଛନ୍ତି।‘ ରିଜିଜୁ କହିଛନ୍ତି ଯେ ଯେତେବେଳେ କୌଣସି ବିଷୟରେ ନିଷ୍ପତ୍ତି ପୂର୍ବରୁ ଦିଆଯାଇସାରିଛି ଏବଂ ଗତକାଲି ସେହି ବିଷୟକୁ ଉଲ୍ଲେଖ କରାଯାଇଥିଲା, ସେହି ବିଷୟକୁ ପୁଣି ଥରେ ପରୋକ୍ଷରେ ଉଲ୍ଲେଖ କରାଯାଇପାରିବ ନାହିଁ। ଏହି ସମୟରେ, ରାହୁଲ ଗାନ୍ଧୀ କହିଛନ୍ତି ଯେ ସେ ବିରୋଧୀ ଦଳ ନେତା ଏବଂ ତାଙ୍କୁ କହିବାରୁ ବାରଣ କରାଯାଉଛି। ରାହୁଲ ଗାନ୍ଧୀଙ୍କ ସହିତ ଥିବା କଂଗ୍ରେସ ସାଂସଦମାନେ ଏହାର ପ୍ରତିବାଦ କରିଥିଲେ। ସେ ଦାବି କରିଥିଲେ ଯେ ସେ ଏକ ଜାତୀୟ ସୁରକ୍ଷା ପ୍ରସଙ୍ଗରେ କହୁଛନ୍ତି, ବିଶେଷକରି ଲଦାଖ ସହିତ ଭାରତୀୟ ସୀମା ଉପରେ। ତଥାପି, ଶାସକ ଦଳ ଏହାର ପ୍ରତିବାଦ କରିଥିଲା। ଅଧ୍ୟକ୍ଷ ଅନ୍ୟ ବକ୍ତାମାନଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଏବଂ ରାହୁଲଙ୍କ ସ୍ଥାନରେ ସେମାନଙ୍କର ବକ୍ତବ୍ୟ ରଖିବାକୁ କହିଥିଲେ। ଏହି ସମୟରେ କଂଗ୍ରେସ ସାଂସଦମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ। ପୂର୍ବରୁ, ସକାଳେ ଲୋକସଭାକୁ ଦୁଇଥର ମୁଲତବୀ କରାଯାଇଥିଲା। ଅପରାହ୍ନ ୨ଟାରେ ଅଧିବେଶନ ପୁନର୍ବାର ଆରମ୍ଭ ହେବା ପରେ, ଅଧ୍ୟକ୍ଷା କୃଷ୍ଣ ପ୍ରସାଦ ତେନେଟି ରାହୁଲ ଗାନ୍ଧୀଙ୍କୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ତାଙ୍କର ବିବୃତି ଦେବାକୁ କହିଥିଲେ ଏବଂ କେବଳ ସେହି ବିଷୟରେ କହିବାକୁ ଅନୁରୋଧ କରିଥିଲେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ମଙ୍ଗଳବାର ସକାଳେ ଲୋକସଭାରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ସାଂସଦମାନେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡିୟମ ନିକଟକୁ ଯାଇ ସରକାରଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଯୋଗୁଁ, ଗୃହକୁ ପୁଣି ଥରେ ମୁଲତବୀ କରାଯାଇଥିଲା।

## ସିନ୍ଧୁ ଜଳ ଚୁକ୍ତି...

ଜଣାଇଛି, ଭାରତ ଏହାର ନିର୍ଦ୍ଦେଶ ପାଳନ କରିବ ନାହିଁ କିମ୍ବା କାର୍ଯ୍ୟରେ ଅଂଶଗ୍ରହଣ କରିବ ନାହିଁ। ଭାରତ କହିଛି, ନିରପେକ୍ଷ ବିଶେଷଜ୍ଞ ପ୍ରକ୍ରିୟା ମଧ୍ୟରେ ଏକ ସମାନ୍ତରାଳ ମଧ୍ୟସ୍ଥତା କୋର୍ଟ ପ୍ରତିଷ୍ଠା ସିନ୍ଧୁ ଚୁକ୍ତିର ବିବାଦ ସମାଧାନ ଢାଞ୍ଚାକୁ ଉଲ୍ଲଂଘନ କରୁଛି। ଯେପର୍ଯ୍ୟନ୍ତ ଭାରତର ମୌଳିକ ସୁରକ୍ଷା ଚିନ୍ତାର ସମାଧାନ ନହୋଇଛି ଓ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନ କରିଛି, ସେପର୍ଯ୍ୟନ୍ତ ଭାରତ ଜଳ ସମ୍ପର୍କିତ ତଥ୍ୟ ବାଣ୍ଟିବା ଅବା ମଧ୍ୟସ୍ଥତାରେ ଅଂଶଗ୍ରହଣ କରିବା ସମେତ କୌଣସି ଚୁକ୍ତିନାମା ଦାୟିତ୍ୱ ପୂରଣ କରିବାକୁ ବାଧ୍ୟ ନୁହେଁ। ପାକିସ୍ତାନ ଜାତିସଂଘରେ ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗ ଉଠାଇଛି ଓ ବିଶ୍ୱକୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛି। ପାକିସ୍ତାନ ଜାତିସଂଘ ଓ ଅନ୍ୟାନ୍ୟ ଫୋରମରେ ଏହି ପ୍ରସଙ୍ଗ ଉଠାଇ ଆସୁଛି। ପାକିସ୍ତାନ ଅନୁରୋଧ କରିବା ସହିତ ଭାରତକୁ ଯୁଦ୍ଧର ଧମକ ମଧ୍ୟ ଦେଇଛି। ପାକିସ୍ତାନ ଏହି ପଦକ୍ଷେପକୁ ଯୁଦ୍ଧ ଭଳି କାର୍ଯ୍ୟ ବୋଲି କହୁଛି।

## ଭାରତ- ଆମେରିକା...

ପ୍ରମୁଖ ଗଣତନ୍ତ୍ର ଏକସାଥିରେ କାମ କରନ୍ତି, ସେଥିରୁ ସାଧାରଣ ଲୋକମାନେ ଲାଭାନ୍ୱିତ ହୁଅନ୍ତି ଏବଂ ପରସ୍ପର ସହଯୋଗ ପାଇଁ ନୂଆ ସୁଯୋଗ ସୃଷ୍ଟି ହୁଏ। ଭାରତ ବିଶ୍ୱ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ଆମେରିକା ସହ ମିଶି କାମ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଛି। ପ୍ରଧାନମନ୍ତ୍ରୀ ଭବିଷ୍ୟତରେ ଦ୍ୱିପାକ୍ଷୀୟ ସାଂଘିକତାକୁ “ଅଭୂତପୂର୍ବ ଉଚ୍ଚତା”କୁ ନେବା ନେଇ ଆଶା ପ୍ରକାଶ କରିଛନ୍ତି। ବିଶ୍ଲେଷକମାନଙ୍କ ମତାନୁସାରେ, ଟାରିଫ୍‌ରେ ସମ୍ଭାବ୍ୟ ଆଶ୍ୱସ୍ତି ଓ ବୃଦ୍ଧି ପାଉଥିବା ଆର୍ଥିକ ସହଯୋଗ ଆସନ୍ତା ସମୟରେ ବ୍ୟାପାର, ପ୍ରଯୁକ୍ତି ଓ ନିବେଶ କ୍ଷେତ୍ରରେ ନୂଆ ସୁଯୋଗ ଖୋଲିପାରେ।

## ସତ୍ୟ ନିଷ୍ଠତା...

ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିବର୍ଗ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତି ୧୨.୧୦ ମିନିଟ୍‌ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଭିତରସ୍ଥ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳାଧିପତି ହରିବାବୁ କମ୍ଭମପତି, ଡିଆଇଜି ପିନାକ ମିଶ୍ର, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ସ୍ୱାଗତ କରିଥିଲେ।

ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଅଭିଭାଷଣରେ ଫକୀର ମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନ ଓ ନାରୀ ଶିକ୍ଷା ପ୍ରଚାରରେ ତାଙ୍କର ଅଗ୍ରଣୀ ଭୂମିକାକୁ ସ୍ମରଣ କରିଥିଲେ। ସେ ଫକୀର ମୋହନଙ୍କ ଅମର କୃତି ‘ରେବତୀ’ର ଗୁରୁତ୍ୱକୁ ଉଲ୍ଲେଖ କରି, ରେବତୀ କିପରି ଅନେକ ଅସୁବିଧା ସତ୍ତ୍ୱେ ଶିକ୍ଷା ପାଇଁ ସଂଘର୍ଷ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସାମାଜିକ ସେବା ଓ ସମୁଦାୟ ସଂଲଗ୍ନତାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନୀତି, ସତ୍ୟ ନିଷ୍ଠତା ଓ ସାମାଜିକ ଦାୟିତ୍ୱବୋଧ ଅତୁଟ ରଖିବାକୁ ଆହ୍ୱାନ ଜଣାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କୁ ମନେ ପକାଇବା ସହିତ ତାଙ୍କର ମହାନ୍ କାର୍ଯ୍ୟାବଳୀର ବର୍ଣ୍ଣନା ସଂପର୍କିତ ତାଙ୍କର କିଛି ବକ୍ତବ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା। ଯଥା ଏ ମାଟି କେବଳ ରତ୍ନ ଗର୍ଭା ନୁହଁ ମାଟିର ମା’ମାନେ ମଧ୍ୟ ରତ୍ନ ଗର୍ଭା। ଖାଲି ଫକୀର ମୋହନ ନୁହଁନ୍ତି, ସେ ମନେ ପକାଇଥିଲେ ରାଧାନାଥଙ୍କୁ, କାନ୍ତକବିଙ୍କୁ ପୁଣି କୁନ୍ତଳା କୁମାରୀ ସାବତଙ୍କୁ। ଶେଷରେ ଉତ୍କଳମଣିଙ୍କ ଉକ୍ତି ‘ମାନବ ଜୀବନ ନୁହଇ କେବଳ ବର୍ଷ ମାସ ଦିନ ଦଣ୍ଡ। କର୍ମେ ଯିଏ ନର କର୍ମ ଏକ ତାର ଜୀବନର ମାନଦଣ୍ଡ’ କହି ନିଜର ବକ୍ତବ୍ୟ ସାଙ୍ଗ କରିଥିଲେ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ଉଲ୍ଲେଖନୀୟ ଭବିଷ୍ୟମୂଳକ ଯୋଜନା ଓ ଭିଜନ ସମ୍ପର୍କରେ କହିଥିଲେ। ସମାବର୍ତ୍ତନରେ ୧,୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା। ଗତ ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ୧୦୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିବା ବେଳେ ୮୯ ଜଣ ଗବେଷଣା ପଣ୍ଡିତ ପିଏଚଡି ଡିଗ୍ରୀ ପ୍ରାପ୍ତ କରିଛନ୍ତି। ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ପଦକ୍ଷେପ ଓ ନୀତି ସଂଶୋଧନ ବିଷୟରେ ଆଲୋକପାତ କରିଥିଲେ। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରାଜ୍ୟପାଳ ଓ କୁଳାଧିପତି ହରିବାବୁ କାମ୍ଭମପତି ଶିକ୍ଷାକୁ ସମାଜ ଉନ୍ନତିର ଶକ୍ତିଶାଳୀ ଉପକରଣ ବୋଲି ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ଆଜୀବନ ଶିକ୍ଷାର୍ଥୀ ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ସମାରୋହରେ ସାଂସଦ ପ୍ରତାପ ଷଡଙ୍ଗୀ, ବାଲେଶ୍ୱର, ନୀଳଗିରି, ସିମୁଳିଆ ଓ ରେମୁଣା ବିଧାୟକମାନଙ୍କ ସହିତ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମାରୋହ ପ୍ରଫେସର୍ ନିହାର ରଞ୍ଜନ ରାଉତଙ୍କ ମଞ୍ଚ ସଞ୍ଚାଳନାରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ବଜେଟ୍ ୨୦୨୬-୨୭ରେ ଓଡ଼ିଶା ପାଇଁ ରେଳ ନିବେଶର ଐତିହାସିକ ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ବଜେଟ୍ ୨୦୨୬-୨୭ରେ ଓଡ଼ିଶାର ରେଳ ପୂର୍ବାଧାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ହୋଇଛି। ରାଜ୍ୟ ପାଇଁ ବାର୍ଷିକ ସରାସରି ରେଳ ଆବଣ୍ଟନ ୧୦,୯୨୮ କୋଟିକୁ ପହଞ୍ଚିଛି, ଯାହା ୨୦୦୯-୧୪ ଅବଧି ସହିତ ତୁଳନା କଲେ ପ୍ରାୟ ୧୩ ଗୁଣା ଅଧିକ।

ବର୍ତ୍ତମାନ ରାଜ୍ୟରେ ୯୦,୬୫୯ କୋଟି ମୂଲ୍ୟର ରେଳ ପୂର୍ବାଧାର କାର୍ଯ୍ୟ ଚାଲୁ ରହିଛି, ଯାହା ନୂଆ ରେଳ ଲାଇନ୍ ନିର୍ମାଣ, ଡବଲିଂ, ଷ୍ଟେସନ୍ ପୁନର୍ବିକାଶ ଏବଂ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକୁ ଆବର୍ତ୍ତ କରୁଛି। ଅମୃତ ଷ୍ଟେସନ୍ ଯୋଜନା ଅନ୍ତର୍ଗତ ୫୯ଟି ଷ୍ଟେସନ୍ ପୁନର୍ବିକାଶ ପାଇଁ ଚିହ୍ନଟ ହୋଇଥିବା ବେଳେ, ୬ଟି ଷ୍ଟେସନର କାମ ସମ୍ପୂର୍ଣ୍ଣ ହୋଇଛି।

୨୦୧୪ ଠାରୁ ରାଜ୍ୟର ସମସ୍ତ ରେଳ ମାର୍ଗର ୧୦୦% ବିଦ୍ୟୁତୀକରଣ ସମ୍ପନ୍ନ ହୋଇଛି। ଏହା ସହିତ ପ୍ରାୟ ୨,୨୦୦ କି.ମି. ନୂଆ ଟ୍ରାକ୍ ନିର୍ମାଣ ଏବଂ ୬୩୨ଟି ଫ୍ଲାଏଓଭର ଓ ଅଣ୍ଡରପାସ୍ ନିର୍ମାଣ ହୋଇ ସୁରକ୍ଷା ଓ ପରିଚାଳନା କ୍ଷମତାରେ ଉନ୍ନତି ଆସିଛି। ବନ୍ଦେ ଭାରତ ଓ ଅମୃତ ଭାରତ ଏକ୍ସପ୍ରେସ୍ ସେବାର ପରିଚୟ ରାଜ୍ୟର ଯାତ୍ରୀ ସଂଯୋଗକୁ ଆହୁରି ସୁଦୃଢ଼ କରିଛି।

# ଜିନ୍ଦଲ ଷ୍ଟେନଲେସ୍ ସିଏସଆରର ବାର୍ଷିକ ମହିଳା କ୍ରୀଡ଼ା

**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**



କଳିଙ୍ଗନଗର, ଯାଜପୁର, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ସାମାଜିକ ଦାୟିତ୍ୱ ବିଭାଗ ଗତ ମାସର ୨୯ ଏବଂ ୩୧ ତାରିଖରେ ତ୍ରିଜଙ୍ଗାର ଇଡ୍‌କୋ ଗ୍ରାଉଣ୍ଡରେ ଏହାର ବାର୍ଷିକ ମହିଳା କ୍ରୀଡ଼ା ମହୋତ୍ସବ ସଫଳତାର ସହିତ ଆୟୋଜନ କରିଥିଲା, ଯାହା ମହିଳାମାନଙ୍କ ମଧ୍ୟରେ ସୁସ୍ଥତା, ସଶକ୍ତିକରଣ ଏବଂ ସାମୁଦାୟିକ ବନ୍ଧନର ଭାବନାକୁ ପାଳନ କରିଥିଲା। ଦୁଇ ଦିନିଆ ମହୋତ୍ସବରେ ଜିନ୍ଦଲ ଦ୍ୱାରା ପରିଚାଳିତ ପାଞ୍ଚଟି ସିଲାଇ ଶିକ୍ଷା କେନ୍ଦ୍ର, ଦୁଇଟି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର, ଦୁଇଟି ପ୍ରୟୋଗିକ ଶିକ୍ଷା କେନ୍ଦ୍ର, ଅସ୍ମିତା ଉତ୍ପାଦନ କେନ୍ଦ୍ର ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର କ୍ଷେତ୍ର କର୍ମଚାରୀଙ୍କ ପ୍ରତିନିଧିତ୍ୱରେ ୨୧୦ ଜଣ ମହିଳା ଉତ୍ସାହୀ ଅଂଶ ଗ୍ରହଣ କରିଥିଲେ। ଅଂଶଗ୍ରହଣ-କାରୀମାନେ ୧୦୦ ମିଟର ଦୌଡ଼, ଛୁଞ୍ଚି-ସୂତା ଦୌଡ଼, ଦୌଡ଼ି ଡିଆଁ, ସଂଗୀତ ଚେୟାର, କବାଡି ଏବଂ କ୍ରିକେଟ୍ ସମେତ ବିଭିନ୍ନ କ୍ରୀଡ଼ା ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ବରିଷ୍ଠ ମହିଳା ଇଞ୍ଜିନିୟର - ହେମାଙ୍ଗିନୀ ଦାସ, ପ୍ରୀତି ପଲ ଏବଂ ଶ୍ରୀମତୀ ଦିବ୍ୟଶ୍ରୀ ନାଥ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଏବଂ ଟ୍ରଫି ବଣ୍ଟନ କରିଥିଲେ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ଦକ୍ଷତା ବିକାଶ ସହିତ କ୍ରୀଡ଼ା ଏବଂ ଶାରୀରିକ ସୁସ୍ଥତା ପାଇଁ ଉତ୍ସାହିତ କରିଥିଲେ। କବାଡି ପ୍ରତିଯୋଗିତାରେ, ଅଲେଖପୁର ଆପ୍ଲିକ ସେଣ୍ଟର ବିଜେତା ଭାବରେ ଉଭା ହୋଇଥିଲା, ତା’ପରେ ଅସ୍ମିତା ମାନୁଫାକଚରିଂ ସେଣ୍ଟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କ୍ରିକେଟରେ, ଦାନଗଦୀର ଜିତ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ବିଜେତା ଟ୍ରଫି ଉଠାଇଥିଲା, ଯେତେବେଳେ ପେଣ୍ଟାସିସ୍ କମ୍ପ୍ୟୁଟର ସେଣ୍ଟର, ମାନତିରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲର ସାମାଜିକ ଦାୟିତ୍ୱ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ, ଯେଉଁମାନେ ମହିଳା ସଶକ୍ତିକରଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ସ୍ଥାନୀୟ ସମ୍ପ୍ରଦାୟ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିଚାଲିଛି, ସ୍ୱାସ୍ଥ୍ୟ, ଆତ୍ମବିଶ୍ୱାସ, ଦଳଗତ କାର୍ଯ୍ୟ ଏବଂ ଅର୍ଥପୂର୍ଣ୍ଣ ସାମାଜିକ ସଂଯୋଗକୁ ପ୍ରୋତ୍ସାହିତ କରି ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରୁଛି।

# ସ୍କୁଲରେ ନବମ ଛାତ୍ରୀଙ୍କୁ ଗଣବଳାତ୍କାର : ୫ ନାବାଳକ ଅଟକ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗୀର ଜିଲ୍ଲାରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ତୁରେକେଲା ଥାନା ଅଞ୍ଚଳର ଏକ ସ୍କୁଲରେ ଜଣେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ୫ ଜଣ ନାବାଳକ ସହପାଠୀଙ୍କୁ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ ସ୍କୁଲରେ ଟ୍ୟୁସନ୍ ସରିବା ପରେ ପୀଡ଼ିତାଙ୍କୁ ତାଙ୍କର ସହପାଠୀମାନେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଜଘନ୍ୟ କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା।

ପୀଡ଼ିତାଙ୍କ ସମ୍ପର୍କୀୟମାନେ ବଲାଙ୍ଗିର ଏସ୍‌ପିଙ୍କ ଦ୍ୱାରସ୍ଥ ହେବା ପରେ ପୋଲିସ ତତ୍ପରତା ପ୍ରକାଶ କରି ୫ ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଭିଡିଓ ଭାଇରାଲ ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ଏବଂ ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

# ଗୌରୀ ଶଙ୍କରଙ୍କୁ ଗୁରୁଦାୟିତ୍ୱ ଦେଲେ ନବୀନ
# ହେଲେ ବିଜେଡି କାର୍ଯ୍ୟକାରୀ ସଭାପତି

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ହେଲେ ରାୟଗଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପି.ଗୌରୀ ଶଙ୍କର। ଏନେଇ ମଙ୍ଗଳବାର ପ୍ରେସ୍ ରିଲିଜ ପ୍ରକାଶ ପାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୌରୀଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି। ଗୌରୀ ଶଙ୍କର ପୂର୍ବ ସରକାର ସମୟରେ ଆମ ଓ ନବୀନ ଓ ଜିଲ୍ଲା ସଂଯୋଜକ ସହିତ ବିଜେଡି ଜିଲ୍ଲା ଉପସଭାପତି ମଧ୍ୟ ରହିଥିଲେ। ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରି ବିଜେଡିକୁ ଚାନ୍ଦିଲି, ଜେକେପୁର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସଂଗଠିତ କରିଥିଲେ। ପୂର୍ବରୁ ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ମଧ୍ୟ ଥିଲେ ଗୌରୀ।

# ମହାନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର : ଶନିବାରଠୁ ଥିଲେ ନିଖୋଜ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମହାନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର। କଟକ ଚହଟାଛଟ ନିକଟରେ ଜଣେ ବୟସ୍କ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ଚହଟାଛକ ନିକଟ କାଳୀ ମନ୍ଦିର ପଛ ପଟେ ମହାନଦୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଏ ନେଇ ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟ ଲୋକେ। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ମୃତ ମହିଳା ଜଣଙ୍କ ହେଉଛନ୍ତି ତୁଳସୀପୁର ପୋଲିସ କଲୋନୀର ୭୫ବର୍ଷ ବୟସ୍କା ବାସନ୍ତୀ କର। ସୂଚନାଯୋଗ୍ୟ ଯେ, ମୃତ ମହିଳା ବାସନ୍ତୀ କର ଗତ ଶନିବାର ଠାରୁ ନିଖୋଜ ଥିଲେ। ଏ ନେଇ ବିଡାନାସୀ ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ବାସନ୍ତୀ ଶନିବାର ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲେ ଓ ନିଜର ନିତ୍ୟକର୍ମ ସ୍ୱାଭାବିକ ଭାବେ କରିଥିଲେ। ମାତ୍ର ଅପରାହ୍ନ ସାଢ଼େ ଗୋଟାଏ ବେଳକୁ ବାସନ୍ତୀ ଘରେ ନଥିବା ପରିବାର ଲୋକେ ଦେଖିଥିଲେ। ବହୁ ଖୋଜାଖୋଜି କରିବା ପରେ ବାସନ୍ତୀଙ୍କୁ ପରିବାର ଲୋକେ ନପାଇବାରୁ ତାଙ୍କ ନିଖୋଜ ନେଇ ଥାନାରେ ସୂଚନା ଦେଇଥିଲେ। ଅଭିଯୋଗ ପାଇ ପୋଲିସ ତନାଘନା ଆରମ୍ଭ କରିଥିଲା। ତେବେ ମଙ୍ଗଳବାର ତାଙ୍କ ମୃତଦେହ ମହାନଦୀରେ ଭାସୁଥିବା ପୋଲିସକୁ ସ୍ଥାନୀୟ ଲୋକ ଖବର ଦେଇଥିଲେ। ଖବର ପାଇ ପୋଲିସ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ତେବେ କେମିତି ମହିଳାଙ୍କ ମୃତ୍ୟୁ ହେଲା, କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ସେ ନେଇ ଅଧିକ ତନାଘନା ଆରମ୍ଭ କରିଛି ପୋଲିସ।

# ଯାତ୍ରା ମଞ୍ଚକୁ ସାପ ନେଇ ବିବାଦରେ ଖଳନାୟକ ସାଇ



**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ପୁଣି ଯାତ୍ରା ମଞ୍ଚକୁ ସାପ ନେଇ ବିବାଦରେ ଫସିଛନ୍ତି ଅଭିନେତା ସାଇ ସତ୍ୟଜିତ ପଣ୍ଡା। ନାଟକ ମଞ୍ଚସ୍ଥ ବେଳେ ସାଇ ହାତରେ ଏକ ବଲ୍ ପାଇଥନ୍ (ଏକଜୋଟିକ୍) ଧରି ମଞ୍ଚକୁ ଚଢ଼ିଥିଲେ। ଯାହାକୁ ନେଇ ବିବାଦ ଦେଖାଦେଇଛି। ବନ ବିଭାଗର ରେଞ୍ଜ ବିଭାଗ ପକ୍ଷରୁ ଯାତ୍ରା ପାର୍ଟିର ମ୍ୟାନେଜର ଓ କମିଟି କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି। ମଞ୍ଚରେ କୌଣସି ପ୍ରକାର ସାପ ପ୍ରଦର୍ଶନ କରିପାରିବେନି ବୋଲି ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଛି। ସାପ ବନ୍ୟପ୍ରାଣୀ ଆଇନ୍‌ରେ ସିଡ୍ୟୁଲ-୧ ତାଲିକାରେ ସଂରକ୍ଷିତ ଥିବାରୁ ଏହାକୁ ବ୍ୟବହାର କରାଯାଇପାରିବନି ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି। ଅପେରାରେ ଏହି ସାପକୁ ଦେଖାଇବା ପାଇଁ ବନ୍ୟପ୍ରାଣୀ ମଙ୍ଗଳ ବୋର୍ଡର ଅନୁମତି ଦରକାର ବୋଲି କହିଛନ୍ତି। ତେବେ ବଲ୍ ପାଇଥନ୍ ଭାରତୀୟ ସାପ ନୁହେଁ, ଏହାକୁ ପୋଷ୍ୟ ଭାବରେ ଗ୍ରହଣ କରାଯାଇପାରିବ। ହେଲେ ମଞ୍ଚକୁ ନେବା ଠିକ୍ ନୁହେଁ ବରଂ ଘରେ ରଖନ୍ତୁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି।

# ମେଡିସିନବ୍ୟାଙ୍କ ପକ୍ଷରୁ ମିଳିବ ଗରିବଙ୍କୁ ମାଗଣା ଆମ୍ବୁଲାନସ ସେବା ଓ ଔଷଧ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**


ରାଜ୍ୟର ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମେଡିସିନବ୍ୟାଙ୍କ ପକ୍ଷରୁ ଆମ୍ବୁଲାନସ ସେବା ସହ ଆୟୁର୍ବେଦିକ କ୍ଲିନିକ ଓ ଔଷଧ ଆଗାମୀ ମେ ୮ତାରିଖ ଠାରୁ ଉପଲବ୍ଧ ହେବ ବୋଲି ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଜୟଦଦେବ ଭବନ ପ୍ରଦର୍ଶନୀ ହଲ୍‌ଠାରେ ମେଡିସିନବ୍ୟାଙ୍କର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ବେଦ ବିଦ୍ୱାନ, ସମାଜସେବୀ ମେଡିସିନ ବ୍ୟାଙ୍କର ଉପଦେଷ୍ଟା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଗୁଡ଼ିକର ଗୁଣବତ୍ତା ଉଚ୍ଚମାନର ରଖିବାପାଇଁ ସରକାର ଚେଷ୍ଟା କରିବା ସହିତ ଗରିବ ଲୋକମାନଙ୍କୁ ମାଗଣାରେ ଜୀବନ ରକ୍ଷାକାରୀ ତଥା କର୍କଟ ରୋଗ ଔଷଧ ମାଗଣାରେ ଦେବାର ବ୍ୟବସ୍ଥା କରିବାକୁ ଗୁରୁତ୍ୱଆରୋପ କରିଥିଲେ। ମେଡିସିନବ୍ୟାଙ୍କ ପକ୍ଷରୁ ପ୍ରତିଜିଲ୍ଲାରେ ଫାର୍ମାସିଷ୍ଟ ତାଲିମକେନ୍ଦ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି। ଆଇ.ଆଇ.ଟି ଅରଗୁଳଠାରେ ଏକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ପ୍ରାୟ ୨୫ଏକର ଜମିରେ ଏକ ୨୫ ହଜାର ବର୍ଗଫୁଟର ଗୃହରେ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ପ୍ରତି ବ୍ଲକ୍‌ର ଗୋଟିଏ ଲେଖାଏଁ ଆୟୁର୍ବେଦିକ କ୍ଲିନିକ ଓ ଔଷଧ ଦୋକାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି। ଖୁବ୍‌ଶୀଘ୍ର ଏ ଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଯଦି ସରକାରଙ୍କ ସହଯୋଗ ମିଳେ ତେବେ ଏହା ସୁଚାରୁରୂପେ ସାରା ଓଡ଼ିଶାରେ କାର୍ଯ୍ୟକ୍ଷମ ହୋଇପାରିବ। ଏହି ଉତ୍ସବର ପ୍ରାରମ୍ଭରେ ମେଡିସିନବ୍ୟାଙ୍କର ଅଧ୍ୟକ୍ଷ ସଂଜୟ କୁମାର ପ୍ରଧାନ ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅବିନାଶ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଚସିଜି ପଣ୍ଡା କ୍ୟାନସର ହସପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ଡଃ ସ୍ମିତା ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡଃ ଲତିକା ସିଂହ, ଓଡ଼ିଶା ଡିଜିଟାଲ ମିଡିଆର ଅସୋସିଏସନର ସଭାପତି ତୁଷାର ପଟ୍ଟନାୟକ ଏବଂ ରାୟଗଡାସ୍ଥ ଉତ୍କଳ ଲ’ କଲେଜର ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ମେଡିସିନବ୍ୟାଙ୍କର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମେଡିସିନବ୍ୟାଙ୍କର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ଆଲଫା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।





# ନିଯୁକ୍ତି ବଦଳରେ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ

**କଟକ,୩।୨ :ନ୍ୟୁଜ୍‌ବ୍ୟୁରୋ**

ଟ୍ରିବ୍ୟୁନାଲଙ୍କ ୨୦୦୨ ମସିହାର ନିର୍ଦ୍ଦେଶ ଥିଲେ ମଧ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ଦିଆ ନଯିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବହୁ ବର୍ଷ ଅତିବାହିତ ହୋଇ ଯାଇଥିବା ବେଳେ ନିଯୁକ୍ତି ବଦଳରେ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲ୍ଲାପାଳ ୫ ଲକ୍ଷ ଟଙ୍କା ୬ ସପ୍ତାହ ଭିତରେ ଆବେଦନକାରୀଙ୍କୁ ପ୍ରଦାନ କରିବେ। ଯଦି ନିର୍ଦ୍ଧାରିତ ସମୟ ଭିତରେ ଏହି ରାଶି ପ୍ରଦାନ କରା ନ ଯାଏ ତେବେ ବିଳମ୍ବ ପାଇଁ ଦିନକୁ ଅତିରିକ୍ତ ୫ଶହ ଟଙ୍କା ଆବେଦନକାରୀଙ୍କୁ ଦିଆଯିବ। ଏପରି ଅତିରିକ୍ତ ଅର୍ଥ ତ୍ରୁଟି କରିଥିବା ଅଧିକାରୀଙ୍କ ନିକଟରୁ ବ୍ୟକ୍ତିଗତ ଭାବେ ଆଇନ ଅନୁସାରେ ଭରଣା କରାଯିବ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁଧାଂଶୁ ନନ୍ଦଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ



କରିଛନ୍ତି। ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ ଆଇନଗତ ଲଢେଇରେ ବିଜେତା ପକ୍ଷଙ୍କୁ ଖାଲି ହାତରେ ଫେରାଇ ଦିଆଯିବା ଉଚିତ ନୁହେଁ। ଯଦି ନିର୍ଦ୍ଦେଶ ଅନୁସାରେ ମୂଳ ପ୍ରତିକାର ମଞ୍ଜୁର କରାଯାଇ ପାରିବ ନାହିଁ ତେବେ କ୍ଷତିପୂରଣ ଓ ଅନ୍ୟ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କୁ ଡ୍ରାଇଭର ବା ଅନ୍ୟ ଗ୍ରୁପ-ଡି ପଦବିରେ ନିଯୁକ୍ତି ପ୍ରଦାନ ସପକ୍ଷରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ ୨୦୦୨, ସେପ୍ଟେମ୍ବର ୫ରେ ରାୟ ଦେଇଥିଲେ। ଏହି ପ୍ରସଙ୍ଗରେ ସମ୍ବଲପୁର ଜିଲ୍ଲାପାଳ ଓ ସିଡିଏମଓ ପଦକ୍ଷେପ ନ ନେବାରୁ ଆବେଦନକାରୀ ଅଦାଲତ ଅବମାନନା ମାମଲା ଟ୍ରିବ୍ୟୁନାଲରେ ରୁଜୁ କରିଥିଲେ। କେତେକ ପ୍ରତିବନ୍ଧକ ରହିଥିବାରୁ ଆବେଦନକାରୀଙ୍କୁ ଅବସ୍ଥାପିତ ନିର୍ଦ୍ଦେଶ ପ୍ରଦାନ କରାଯାଉ ନାହିଁ ବୋଲି କର୍ତ୍ତୃପକ୍ଷ ଦର୍ଶାଇଥିଲେ। ଟ୍ରିବ୍ୟୁନାଲ ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଯଦି ଭବିଷ୍ୟତରେ ପଦବୀ ଖାଲି ହୁଏ ତେବେ ଆବେଦନକାରୀଙ୍କ ନିଯୁକ୍ତି ପ୍ରସଙ୍ଗ ସରକାର ବିଚାରକୁ ନେବେ ବୋଲି ଟ୍ରିବ୍ୟୁନାଲ କହିଥିଲେ। ୨୦୧୭, ନଭେମ୍ବର ୨୨ର ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଟ୍ରିବ୍ୟୁନାଲଙ୍କ ୨୦୦୨ର ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିଲେ ମଧ୍ୟ ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଯିବା ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।




ଭୁବନେଶ୍ୱର : ବୁଦ୍ଧ ମନ୍ଦିର ସଭାଗୃହରେ 'ସମାରୋହ'ର ବାର୍ଷିକ ଉତ୍ସବ ଓ ଦୁର୍ଗାମାଧବ ସ୍ମୃତିସଭାରେ ଶୈଳରାଣୀ ମିଶ୍ରଙ୍କ 'ଜେଜେ ମା'ଙ୍କ କାହାଣୀ ପେଡ଼ି' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି ଡା. ଅଶୋକ ମହାପାତ୍ର, ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନୀଲ ସାମଲ, 'କାଦମ୍ବିନୀ' ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ, ଅଧ୍ୟାପକ ଉଦୟ ନାଥ ସାହୁ, ଅଶୋକ ବଳ, ଉମାକାନ୍ତ ନନ୍ଦ ଏବଂ ସମାରୋହର ସହଯୋଗୀ ସମ୍ପାଦକ ରବି ନାରାୟଣ ନନ୍ଦ ପ୍ରମୁଖ। (ଫଟୋ : ସମ୍ବାଦକଳିକା)

## ପୁରୀରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

# ଆଜି ଶ୍ରୀଜୀଉଙ୍କ ଦର୍ଶନ ସହ ଶ୍ୱେତଗଙ୍ଗାରେ କରିବେ ପିଣ୍ଡଦାନ

## ୪ ଘଣ୍ଟା ଭକ୍ତମାନଙ୍କ ଦର୍ଶନ ବନ୍ଦ

**ପୁରୀ,୩।୨**
**ନ୍ୟୁଜ୍‌ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ମଙ୍ଗଳବାର ଯାଜପୁର ଓ ବାଲେଶ୍ୱର କାର୍ଯ୍ୟକ୍ରମ ଶେଷ କରି ପୁରୀରେ ପହଞ୍ଚିଛନ୍ତି। ମଙ୍ଗଳବାର ପୁରୀ ଲୋକ ଭବନରେ ରାତ୍ରୀ ଯାପନ କରିଛନ୍ତି। ବୁଧବାର ସକାଳୁ ଶ୍ୱେତଗଙ୍ଗାରେ ଶ୍ରୀମତୀ ମୁର୍ମୁ ପିଣ୍ଡ ଦାନ କରିବା ପରେ ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଏଣୁ ମହାମହିମଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସର୍ବସାଧାରଣ ଦର୍ଶନ ଗୋପାଳବଲ୍ଲଭ ଭୋଗ ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ପ୍ରାତଃ ଘ.୬.୦୦



ଟିକା ଠାରୁ ସକାଳ ଘ.୧୦.୦୦ ଟିକା ପର୍ଯ୍ୟନ୍ତ ବନ୍ଦ ରହିବ।

ପ୍ରକାଶ ଯେ, ବୁଧବାର ସକାଳୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତୀର୍ଥ ପୁଷ୍କରିଣୀ ଶ୍ୱେତ ଗଙ୍ଗାକୁ ଯାଇ ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବେ। ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ପୁରୀ ପୁଲିସ ଏବଂ ପ୍ରଶାସନ ପକ୍ଷରୁ କରାଯାଇଛି। ଅନ୍ୟପଟେ ରାଷ୍ଟ୍ରପତିଙ୍କ ଆଗମନକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡା। ସେପଟେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ନୀଳଗିରିର କୁନି ଝିଅ ପାଖରେ ଅଟକି ଗଲେ ରାଷ୍ଟ୍ରପତି

**ନୀଳଗିରି,୩।୨**
**ନ୍ୟୁଜ୍‌ବ୍ୟୁରୋ**

ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଥିବା ବେଳେ କାରକେଡରୁ ଓହ୍ଲାଇ ଟିକେ ଅଟକି ଯାଇଥିଲେ। ପରେ ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ। ଏକ କୁନି ଛାତ୍ରୀ ପାଖରେ ଅଟକିଯାଇ ପାଖରେ ରଖିଥିବା ଚକୋଲେଟ୍ ତାଙ୍କୁ ଦେଇଥିଲେ।

ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି କଦମ୍ବସାହି ଗ୍ରାମର ବଳରାମ ବାରିକ ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଜର୍ଣ୍ଣାଲିଜିମ ଶେଷ ବର୍ଷର ଛାତ୍ର। ସେ ତାଙ୍କ କୁନି ଝିଅ ଦିକ୍ଷସୀତାଙ୍କୁ ନେଇ ଆସିଥିଲେ। ଅଡ଼ିଟୋରିୟମ ପାଖରେ ଛିଡ଼ା ହୋଇଥିବାବେଳେ ରାଷ୍ଟ୍ରପତି ଅଟକିଯାଇ ତାଙ୍କ ଝିଅକୁ ଚକୋଲେଟ ଦେଇ ଅଧିକ ଚକୋଲେଟ୍ ଖାଇବାକୁ ବାରଣ କରିଥିଲେ। ଚକଲେଟ ପାଇ କୁନି ଝିଅ ଯେତିକି ଖୁସି ହୋଇଛନ୍ତି ତାଙ୍କଠାରୁ ଅଧିକ ଖୁସି ହୋଇଛନ୍ତି ତାଙ୍କ ବାପା ମାଆ। ସୂଚନାଯୋଗ୍ୟ ଦିକ୍ଷସୀତା ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିରରେ ପଢୁଥିବାବେଳେ ସେ ବଳରାମ ବାରିକ ଓ ଗୀତାଞ୍ଜଳୀଙ୍କ କନ୍ୟା ଅଟନ୍ତି।



# ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

**କଟକ,୩।୨ :ନ୍ୟୁଜ୍‌ବ୍ୟୁରୋ**

ବିଦ୍ୟୁତ୍ ସଂଯୋଗ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଟିପିଏସଓଡିଏଲ୍ କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ। ମଙ୍ଗଳବାର ମାଲକାନଗିରି ଟିପିଏସଓଡିଏଲର କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକ ଜଣେ ଇଟା କାରଖାନା ମାଲିକଙ୍କ ଠାରୁ ତାଙ୍କ ଇଟା କାରଖାନାକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି।



ଏହାପରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ମଙ୍ଗଳବାର ଶ୍ରୀ ନାୟକ ଏବଂ ତାଙ୍କ ସହଯୋଗୀ ଶ୍ରୀ ସ୍ୱାଇଁଙ୍କୁ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରୁ ଇଟା କାରଖାନା ମାଲିକଙ୍କ ଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଛନ୍ତି। ସେମାନଙ୍କଠାରୁ ସମ୍ପୂର୍ଣ୍ଣ ୨୦,୦୦୦ ଲାଞ୍ଚ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଛି। ଏହାପରେ ଟିପିଏସଓଡିଏଲର କନିଷ୍ଠ ଯନ୍ତ୍ରୀ ପ୍ରଦେଶ ପ୍ରସାଦ ନାୟକଙ୍କ ସହିତ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ ଚାଲିଛି। ଏହି ସମ୍ପର୍କରେ, ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ କୋରାପୁଟ ଭିଜିଲାନ୍ସ ପିଏସ୍ ମାମଲା ନଂ ୦୧/୨୦୨୬, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ରୁଜୁ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

## କିନ୍ନର ହତ୍ୟା ଘଟଣା : ସିସିଟିଭି ଯାଞ୍ଚ କଲା ପୋଲିସ୍

**ଭୁବନେଶ୍ୱର,୩।୨ :ନ୍ୟୁଜ୍‌ବ୍ୟୁରୋ**

ପିପିଲି ଥାନା ଅନ୍ତର୍ଗତ ଉତ୍ତରା ସିଫା ନିକଟରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା ଘଟଣାରେ ସିସିଟିଭି ଫୁଟେଜ୍ ଯାଞ୍ଚ କରା ଯାଇଛି। ସିଫାଠାରୁ ପିପିଲି ଓଭର ବ୍ରିଜ୍ ପର୍ଯ୍ୟନ୍ତ ଲାଗିଥିବା ସମସ୍ତ ସିସିଟିଭିକୁ ତନ୍ନତନ୍ନ ଯାଞ୍ଚ କରିଛି ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଓ ପିପିଲି ପୋଲିସ। ମୃତ କିନ୍ନରଙ୍କ ରକ୍ତଭିଜା ବ୍ୟାଗ୍ ଜବତ କରା ଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ସହ ଏକାଧିକ ବ୍ୟକ୍ତିଙ୍କୁ ପଚରା ଉଚରା କରାଯାଉଥିବା ସୂଚନା ମିଳିଛି।





ଯାଜପୁର : ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଯାଜପୁରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମା' ବିରଜାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି। ରାଷ୍ଟ୍ରପତିଙ୍କ ଏହି କାର୍ଯ୍ୟକ୍ରମ ଅବସରରେ ମା' ବିରଜାଙ୍କୁ ଭକ୍ତମାନଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ବନ୍ଦ ରଖାଯାଇଥିଲା। (ଫଟୋ : ସମ୍ବାଦ କଳିକା)

## ୧୦ଜଣ ବାଂଲାଦେଶୀଙ୍କୁ ୨ବର୍ଷ ସଜା ଶୁଣାଇଲେ କୋର୍ଟ


**ଭୁବନେଶ୍ୱର,୩।୨ :ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ଥର ପାଇଁ ଓଡ଼ିଶାରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ବିରୋଧରେ ସଜା ଶୁଣାଇଛନ୍ତି କୋର୍ଟ। ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ ହୋଇଥିବା ୧୦ ଜଣ ବାଂଲାଦେଶୀଙ୍କୁ କୋର୍ଟ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ୩ ମାସ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ୬ଜଣ ସାକ୍ଷୀ ଏବଂ ଦସ୍ତାବିଜ ଆଧାରରେ କୋର୍ଟ ଶୁଣାଣି କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୫ ମାର୍ଚ୍ଚ ୮ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରେ ଓଡିଶାକୁ ଅନୁପ୍ରବେଶ ନେଇ କ୍ରାଇମବ୍ରାଞ୍ଚ ଏସଟିଏଫ୍ ୧୦ ଜଣ ବାଲାଂଦେଶୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା ଓ ଭାରତୀୟ ଟଙ୍କା ଏବଂ ମୋବାଇଲ ଜବତ କରିଥିଲା ଏସଟିଏଫ୍। ଗିରଫ ଅଭିଯୁକ୍ତମାନଙ୍କୁ ଆଉ ବଂଲାଦେଶ ନ ଛାଡ଼ିବାକୁ ବଂଲାଦେଶ ହାଇକମିଶନ ଭୁବନେଶ୍ୱର କୋର୍ଟ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଆକାରରେ ଜଣାଇଥିଲେ ବୋଲି ସରକାରୀ ଓକିଲ ରଶ୍ମି ରଞ୍ଜନ ବ୍ରହ୍ମା ସୂଚନା ଦେଇଛନ୍ତି।

**ବଜାରରେ ଉପଲବ୍ଧ...**

**"କଥାକଳିକା"**
**ଫେବୃୟାରୀ ସଂଖ୍ୟା-୨୦୨୬**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ଚନ୍ଦ୍ରକଳା ନାୟକ, ସୋମା ଚାନ୍ଦ, ସୁନୀତା କର, ବିନୋଦ, ଜ୍ଞାନରଞ୍ଜନ ମହାନ୍ତି, ଉମାକାନ୍ତ ରାଉତ, ପଦ୍ମାଳୟା ପାଢ଼ୀ, ରାଜଲକ୍ଷ୍ମୀ ତ୍ରିପାଠୀ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି, ଅଶୋକ କୁମାର ସା'
**ଯୁବ ମାନସର କଥା :** ଲିପ୍‌ସା ପଟେଲ, ହିମାଂଶୁ ଭୂଷଣ ସାହୁ, ପ୍ରକାଶ ସାହୁ, ସୁଚରିତା ବେହେରା, ମୀନାକ୍ଷୀ ପଣ୍ଡା, ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)

# ବ୍ୟବସାୟୀଙ୍କୁ ୬ କୋଟି ଠକେଇ : ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ,୩।୨**
**ନ୍ୟୁଜ୍‌ବ୍ୟୁରୋ**

ଅନ୍‌ଲାଇନ୍ ଟ୍ରେଡିଂରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଜଣେ ଗହଣା ବ୍ୟବସାୟୀଙ୍କର ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ଗାଏବ୍ ହୋଇଥିଲା। ଏହି ମାମଲାରେ ମୁଖ୍ୟ କାର୍ପଟଦାର ଭୁବନେଶ୍ୱରରେ ରହୁଥିବା ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଶ୍ରୀନଗର ଅଞ୍ଚଳନିବାସୀ ବେଦଗିରି ଶ୍ରୀନିବାସ ରାଓ(୩୯)କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଏହି ଘଟଣାରେ ଶ୍ରୀନିବାସକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କୁ ଗିରଫ କଲାଣି କ୍ରାଇମବ୍ରାଞ୍ଚ। ସାଇବର ଠକ ଫେସ୍‌ବୁକ୍ ପ୍ରୋଫାଇଲ୍‌ରେ ସଂଜନା ଶ୍ରୀନିବାସ ନାଁରେ ଯେଉଁ ମହିଳାଙ୍କ ଫଟୋ ଦେଇଥିଲେ, ସେହି ପ୍ରୋଫାଇଲକୁ ଯାଞ୍ଚ କରାଯାଉଛି। ସୂଚନା ଅନୁଯାୟୀ, ଏହି ଗହଣା ବ୍ୟବସାୟୀଙ୍କ ଫେସ୍‌ବୁକ ମାଧ୍ୟମରେ ସଂଜନା ଶ୍ରୀନିବାସନଙ୍କ ସହିତ ପରିଚୟ ହୋଇଥିଲା। ସଂଜନା ନିଜକୁ ହଂକଂରେ ଥିବା ଆଇବିଏମ୍‌ର ସଫ୍‌ଟଓୟାର ଡେଭଲପର ବୋଲି ପରିଚୟ ଦେଇଥିଲା। ଜାପାନର ଏକ ଟ୍ରେଡିଂ କମ୍ପାନି 'ଜୈଫ୍' ମାଧ୍ୟମରେ କ୍ରିପ୍ଟୋ ମୁଦ୍ରାରେ ନିବେଶ କରିବାକୁ ବ୍ରହ୍ମପୁରର



ଗହଣା ବ୍ୟବସାୟୀଙ୍କୁ ସେ ପରାମର୍ଶ ଦେଇଥିଲା। ଏଥିରେ ନିବେଶ କଲେ ଅଧିକ ଅର୍ଥ ରିଟର୍ଣ୍ଣ ଲୋଭ ଦେଖାଇ ଗହଣା ବ୍ୟବସାୟୀଙ୍କୁ ଫସାଇଥିଲା। ଭାରତୀୟ ମୁଦ୍ରା ସିଧାସଳଖ ଜାପାନର ଏହି କମ୍ପାନୀରେ ନିବେଶ କରିବା ସମ୍ଭବପର ହେଉନଥିବାରୁ ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ସଂଜନା କହିଥିଲା। ୨୦୨୪ ମେ' ୨୩ରୁ ଜୁନ ୨୪ ଭିତରେ ୧୨ଟି ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୬ କୋଟି ୧୬ ଲକ୍ଷ ୩୭ ହଜାର ୮୪ ଟଙ୍କା ବ୍ୟବସାୟୀ ଜଣକ ଜମା କରିଥିଲେ। ତାଙ୍କୁ ଜାପାନର ଟ୍ରେଡିଂ କମ୍ପାନୀ 'ଜୈଫ୍'ରେ ବ୍ୟବହାରକାରୀ ନାଁ ଓ ପାସ୍‌ୱାର୍ଡ଼ ଦିଆଯାଇଥିଲା। ପ୍ରଥମେ ସୁନା ବ୍ୟବସାୟୀଙ୍କ ଆର୍ଥିକ କ୍ଷତି ହୋଇଥିଲା। ସଂଜନା ତାଙ୍କୁ ଅଧିକ ଅର୍ଥ ଜମା କରିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟୀ ଜଣକ ଟଙ୍କା ଉଠାଇବାକୁ ଉଦ୍ୟମ କରିବାରୁ 'ଜୈଫ୍' ପକ୍ଷରୁ ତାଙ୍କୁ ଅତିରିକ୍ତ ୮୯ ଲକ୍ଷ ଟଙ୍କା ଜମା କରିବାକୁ କୁହାଯାଇଥିଲା। କିନ୍ତୁ ବ୍ୟବସାୟୀ ଟଙ୍କା ଜମା କରିବାକୁ ମନା କରିଦେଇଥିଲେ। 'ଜୈଫ୍' ନାଁରେ ସାଇବର୍ ଠକ ଦଳ ଏଭଳି କାରସାଦି କରୁଥିବା ବ୍ୟବସାୟୀ ଜଣକ ସ୍ପଷ୍ଟ ହେବା ପରେ କ୍ରାଇମ୍‌ବ୍ରାଞ୍ଚ ସାଇବର୍ ଥାନାରେ ୨୦୨୪ ଜୁଲାଇ ୯ ତାରିଖରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ୍ ଏକ ମାମଲା ରୁଜୁ କରିବା ପରେ ୨୦୨୫ ମାର୍ଚ୍ଚ ୨୬ରେ ଗୁଜରାଟର ସୁରଟରୁ ମୁଖ୍ୟ ଅଭିଯୁକ୍ତ ସଭାୟା ରବି କୁମନଭାଇ ସମେତ ସେଜଲ ରବି କୁମାର ସଭାୟା, ସଭାୟା କୁମନ ଭାଇ, ପାରସ ଧୀରୁଭାଇ ଜେସାନୀ, ଧର୍ମେଶ ନାନୁଭାଇ ସାଭଲିୟାକୁ ଗିରଫ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କ୍ରାଇମବ୍ରାଞ୍ଚ ଏହି ମାମଲାରେ ଅନ୍ୟତମ ଫେରାର ଅଭିଯୁକ୍ତ ଶ୍ରୀନିବାସକୁ ଗିରଫ କରିଛି। ଶ୍ରୀନିବାସ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ଼ ଇତ୍ୟାଦି ଜବତ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

## ୬ରୁ ୨୨ତମ ଧଉଳି କଳିଙ୍ଗ ମହୋତ୍ସବ

**ଭୁବନେଶ୍ୱର,୩।୨ :ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗ ବୀରମାନଙ୍କ ବୀରତ୍ୱର ଗାଥାକୁ ମନେପକାଇ ଧଉଳିରେ ଆସନ୍ତା ୬ରୁ ଆରମ୍ଭ ହେବ ୨୨ତମ ଧଉଳି-କଳିଙ୍ଗ ମହୋତ୍ସବ। ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଆୟୋଜନ ତଥା ସଂସ୍କୃତି ମନ୍ତ୍ରଣାଳୟ, ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ଭୁବନେଶ୍ୱର ଆର୍ଟ ଭିଜନର ସହଯୋଗରେ ଏହି ସମାରୋହ ହେବାକୁ ଯାଉଛି। ଏଥିରେ ଭାରତ ତଥା ଭାରତ ବାହାରୁ ଜାତୀୟ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ନୃତ୍ୟଶିଳ୍ପୀମାନେ ଯୋଗଦେଇ କଳା ପରିବେଷଣ କରିବେ। ନୃତ୍ୟ ଓ ସଙ୍ଗୀତ ପରିବେଷଣ ମାଧ୍ୟମରେ ଶାନ୍ତିସ୍ତୂପକୁ ସାକ୍ଷୀ ରଖି କଳାକାରମାନେ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବେ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**


ତାରିଖ :-୩.୨.୨୦୨୬
୪,୬୧,୨୪୪ ଟଙ୍କା
ସୁନା:- ୦୪ଗ୍ରାମ୍ ୪୫୦ ମିଲିଗ୍ରାମ୍
ରୂପା:-୪୭ ଗ୍ରାମ୍ ୮୦୦ ମିଲିଗ୍ରାମ୍

## ତ୍ରୁଟିଶୂନ୍ୟ ଯୁକ୍ତ ଦୁଇ ପରୀକ୍ଷା ପାଇଁ କେନ୍ଦ୍ର ନିରୀକ୍ଷକଙ୍କୁ ଚିଠି

# ହବ୍ ସୁପରଭାଇଜର ଓ ଡେପୁଟି ସୁପରଭାଇଜଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩।୨**
**ନ୍ୟୁଜ୍‌ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଶ୍ନପତ୍ର ସୁରକ୍ଷିତ



ପହଞ୍ଚିବାଠୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ର ନିରୀକ୍ଷକ, ଉପ ନିରୀକ୍ଷକ ନିଯୁକ୍ତି ଯାଏ କିଭଳି ଠିକ୍ ସମୟରେ ହେବ ତାକୁ ନେଇ ସିଏଚ୍‌ଏସ୍‌ଇ ପ୍ରସ୍ତୁତି ଆରମ୍ଭ କରିଛି। ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷା କେନ୍ଦ୍ର ନିରୀକ୍ଷକ, ଉପ ନିରୀକ୍ଷକ, ପରୀକ୍ଷା ପରିଚାଳନା ହବ୍‌କୁ ଚିଠି ଲେଖାଯାଇଛି। ସିଏଚ୍‌ଏସ୍‌ଇର ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ରଖିବା ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍‌ଏଚ୍) କରାଯାଇଛି। ଆସନ୍ତା ୧୨ ତାରିଖରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପଠାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୪ ତାରିଖରୁ ୬ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ହବ୍‌ରେ ପହଞ୍ଚିବ। ହବ୍ ସୁପରଭାଇଜର ଓ ଡେପୁଟି ସୁପରଭାଇଜଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି।

ସିଏଚ୍‌ଏସ୍‌ଇର ଗାଇଡଲାଇନ ଅନୁଯାୟୀ, ୫୦୦ ମଧ୍ୟରେ ପରୀକ୍ଷାର୍ଥୀ ଥିବା କେନ୍ଦ୍ର ପାଇଁ ଜଣେ, ୧୦୦୦ ଭିତରେ ପରୀକ୍ଷାର୍ଥୀ ଥିଲେ ୨ ଜଣ, ୧୨୫୦ ପରୀକ୍ଷାର୍ଥୀ ଥିବା କେନ୍ଦ୍ର ପାଇଁ ୩ଜଣ, ୧୫୦୦ ଭିତରେ ଥିଲେ ୪ ଓ ୨୦୦୦ରୁ ଅଧିକ ଥିଲେ ୬ଜଣଙ୍କୁ ନିଯୁକ୍ତି ଦିଆଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଦିଆଯାଇଥିବା ଉତ୍ତର ଖାତାରେ ୩୨ଟି ସିଟ୍ ରହିବ ବୋଲି ମଧ୍ୟ କୁହାଯାଇଛି।